ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.90 Bhubaneswar Wednesday May 15 2024 ୨୬ତମ ବର୍ଷ ସଂଖ୍ୟା–୯୦ ଭୁବନେଶ୍ୱର, ବୁଧବାର, ମଇ ୧୫, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## କେତେ ସମ୍ପତ୍ତିର ମାଲିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ?

ଭୁବନେଶ୍ୱର,୧୪।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବାରାଣସୀ ଆସନ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ବେଳେ ସେ ତାଙ୍କ ସମ୍ପତ୍ତି ବିବରଣୀ ମଧ୍ୟ ସାର୍ବଜନୀନ କରିଛନ୍ତି। ସତ୍ୟପାଠ ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି ୩.୦୨ କୋଟି ଟଙ୍କାର ମାଲିକ। ୨୦୧୪ ଓ ୨୦୧୯ ଅପେକ୍ଷା ମୋଦିଙ୍କ ସମ୍ପତ୍ତି ପରିମାଣ ବୃଦ୍ଧି ପାଇଛି।୨୦୧୯ରେ ମୋଦିଙ୍କ ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨.୫୧ କୋଟି ରହିଥିଲା। ସେହିପରି ୨୦୧୪ ସତ୍ୟପାଠରେ ମୋଦି ୧.୬୬ କୋଟି ଟଙ୍କାର ମାଲିକ ବୋଲି ଉଲ୍ଲେଖ କରିଥିଲେ।



## ପ୍ରଦୀପ ପାଣିଗ୍ରାହୀଙ୍କ ପଞ୍ଜରା ହାଡ଼-ଫୁସ୍‌ଫୁସ୍‌ରେ ଆଘାତ; ଏମ୍ସକୁ କରାଗଲା ସ୍ଥାନାନ୍ତର

ଭୁବନେଶ୍ୱର,୧୪।୫(ପି.ଏନ): ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପଞ୍ଜରା ହାଡ଼ ଓ ଫୁସ୍‌ଫୁସ୍‌ରେ ଆଘାତ ଲାଗିଥିବାରୁ ସ୍ଥାନାନ୍ତର ହୋଇଛନ୍ତି । ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି ।ଗୋଷାଣୀ ନୂଆଗାଁ ବୁଥ ଆଗରେ ଗଣ୍ଡଗୋଳରେ ଆହତ ହୋଇଥିଲେ ପ୍ରଦୀପ । ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କରଙ୍କ ସହ ଗଣ୍ଡଗୋଳରେ ଆହତ ହୋଇଥିଲେ ।ଗତକାଲି ଗଞ୍ଜାମରେ ଭର୍ତ୍ତି ହୋଇଥିଲେ, ଆଜି ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବିଜେଡିର ତାମିଲ କଣ୍ଟେଇନର୍‌ଚାଳି ଏଯାଏ ସମ୍ପୂର୍ଣ୍ଣ ଓଡିଆ ଭାଷା ଶିଖିପାରିନାହାନ୍ତି



ଭୁବନେଶ୍ୱର,୧୪।୫(ପି.ଏନ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଗତକାଲି ବିଜେଡି ଦେଇଥିବା ଅଶାଳୀନ ଟିପ୍ପଣୀକୁ ଆଜି ବୈଜୟନ୍ତଙ୍କ କାର୍ଯ୍ୟାଳୟ କଡା ଭାଷାରେ ବିରୋଧ କରିଛି । ବିଜେଡିର ତାମିଲ କଣ୍ଡେଇନର୍‌ଚାଳି ଏଯାଏ ସମ୍ପୂର୍ଣ୍ଣ ଓଡିଆ ଭାଷା ଶିଖିପାରିନାହାନ୍ତି । ନଚେତ୍ ସେ ଜାଣିପାରିଥାନ୍ତେ ଯେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ପଦୁଟିଏ ବି କୁହାଯାଇନଥିଲା ।ବୈଜୟନ୍ତ ପଣ୍ଡାଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଜାରି ଏକ ବୟାନରେ କୁହାଯାଇଛି ଯେ, ବିଜେଡିର ତାମିଲ କଣ୍ଟେଇନର୍‌ଚାଳି ଏଯାଏ ଠିକ୍ ଭାବେ ଓଡିଆ ଭାଷା ଶିଖିପାରିନାହାନ୍ତି । ତା'ହୋଇଥିଲେ ସେ ଜାଣିପାରିଥାନ୍ତେ ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଦୁଟିଏ ବି ଉଲ୍ଲେଖ କରାଯାଇନଥିଲା । ଶ୍ରୀ ପଣ୍ଡା କହିଥିଲେ ଯେ, "ମୁଖ୍ୟମନ୍ତ୍ରୀଙ୍କୁ ଜଣେ ଅଣଓଡିଆ ବ୍ୟକ୍ତି ନିୟନ୍ତ୍ରିତ କରୁଛି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରକୃତ ଭିଡିଓ ନକରି ଏଆଇ ପ୍ରସ୍ତୁତ ଡିପ୍ ଫେକ୍ ଭିଡିଓ କରାଯାଉଛି ।"

## ଆଇପିଏଲ ବେଟିଂ ଆଡ୍ଡାରେ ଚଢ଼ାଉ

ସୁନ୍ଦରଗଡ଼,୧୪।୫(ପି.ଏନ): ଆଇପିଏଲ ବେଟିଂ ଆଡ୍ଡାରେ ଚଢ଼ାଉ । ୪ ଜଣ ସଟ୍ଟା ଖେଳାଳିଙ୍କୁ ଗିରଫ କରିବା ସହ ନଗଦ ୫ ଲକ୍ଷ ୧୭ ହଜାର ଟଙ୍କା ଜବତ କରିଛି ପୋଲିସ୍ । ଏହାସହ ଗୋଟିଏ ଲେନଭୋ ଲାପଟପ, ୬ଟି ସ୍ମାର୍ଟ ମୋବାଇଲ, ୩ଟି ବାଇକ୍ ବିଭିନ୍ନ ବ୍ୟାଙ୍କର ଡେବିଟ୍ ଓ କ୍ରେଡିଟ କାର୍ଡ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଟାଉନଥାନା ଭିତିରିଆପଡ଼ାର ମିଥୁନ ସାହୁ, ସଂଜୟ ସାହୁ, ସଂଜୟ କୁମାର ସାହୁ, ଖମାରୀପଡ଼ାର ସୁବୋଧ ଚୌଧୁରୀ । ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ମହାଦେବପଡ଼ାରେ ଆଇପିଏଲ ବେଟିଂ ଚାଲିଥିବା ସୂଚନା ପାଇ ସୁନ୍ଦରଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ବେହେରା ଓ ଟାଉନଥାନା ଅଧିକାରୀ ଆଦିତ୍ୟ ମହାକୁଡ଼, ଏଏସଆଇ ଅନିଲ କୁମାର ସାମଲ ଚଢ଼ାଉ କରିଥିଲେ ।

## ତଳସରାରେ ଜୋର୍ ଧରିଛି ବିଜେଡିର ପ୍ରଚାର: ବିନୟ ଓ ଦିଲୀପଙ୍କ ପତ୍ନୀ ମାଗୁଛନ୍ତି ଭୋଟ୍

ସୁନ୍ଦରଗଡ ୧୪।୫(ପି.ଏନ): ସୁନ୍ଦରଗଡ ଜିଲ୍ଲା ତଳସରା ବିଧାନସଭା କ୍ଷେତ୍ରରେ ଜୋର୍ ଧରିଛି ବିଜୁ ଜନତା ଦଳର ପ୍ରଚାର। ମଙ୍ଗଳବାର ବିଧାନସଭା ପ୍ରାର୍ଥୀ ବିନୟ କୁମାର ଟପ୍ପ ? ଓ ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କିଙ୍କ ପତ୍ନୀ ମୀରା ତିର୍କି ଘର ଘର ବୁଲି ଭୋଟ୍ ମାଗୁଛନ୍ତି। ନବୀନଙ୍କ ବିକାଶ ଓ ନବୀନ ଗ୍ୟାରେଣ୍ଟିର ବାର୍ତ୍ତା ନେଇ ଭୋଟରଙ୍କ ପାଖରେ ପହଞ୍ଚି ବିଜେଡିକୁ ଜିତାଇବାକୁ ଅନୁରୋଧ କରିଛନ୍ତି। ସେହିପରି ଦିଲୀପଙ୍କ ପତ୍ନୀ ମୀରା ହକିର ବିକାଶ ପରି ସୁନ୍ଦରଗଡ଼ ଜିଲ୍ଲାର ବିକାଶକୁ ଆଗକୁ ନେବା ପାଇଁ ଦିଲୀପଙ୍କୁ ଥରେ ସୁଯୋଗ ଦେବାକୁ ନିବେଦନ କରିଥିଲେ ।ବାଲିଶଙ୍କରା ବ୍ଲକର ତଳସରା ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲି, ତଳସରା ବସ୍ତିପଡ଼ା, ତଳସରା ଦଳିତପଡ଼ା, ପତ୍ରାଟୋଲି,ଟିକିଲିପଡ଼ା, ସକୁସପାନି, କଡୁପାନି, ଧାମନପଡ଼ାରେ ବାଲିଶଙ୍କରା ବ୍ଲକ୍ ସଭାପତି କେଶବ ରଣା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପଟେଲ, ପଞ୍ଚାୟତ ସଭାପତି ମେଘେନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତିରିଆ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

## ଗାଡି ଯାଞ୍ଚ ବେଳେ ମିଳିଲା ୧୫ କେଜି ସୁନା !

ଭୁବନେଶ୍ୱର,୧୪।୫(ପି.ଏନ): ଗାଡି ଯାଞ୍ଚ ବେଳେ ମିଳିଲା ପ୍ରାୟ ୧୫ କେଜି ସୁନା। ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ଗେଟ୍‌ରେ ଗାଡି ଯାଞ୍ଚ ବେଳେ ଏହି ସୁନା ଧରାପଡିଛି। ଯାହାର ଆନୁମାନିକ ମୂଲ୍ୟ ୧୦ କୋଟିରୁ ଅଧିକ ହେବ। ନିର୍ବାଚନ ସମୟରେ ଗାଡି ଯାଞ୍ଚ କଡାକଡି ହୋଇଥିବା ବେଳେ ବାଲେଶ୍ୱରରୁ ଆସିଛି ଏପରି ଖବର। ମାମଲାରେ ସିଟି ଆଣ୍ଡ ଜିଏସ୍‌ଟି ତଦନ୍ତ ଚଳାଇଛି ।ନିର୍ବାଚନ ପାଇଁ ଆଜି ସନ୍ଧ୍ୟା ପ୍ରାୟ ୬ଟା ବେଳେ



ବାଲେଶ୍ୱର ଓ ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ୍ ଟୋଲ୍ ଗେଟ୍‌ରେ ଗାଡି ଯାଞ୍ଚ କରୁଥିଲା ଫ୍ଲାଇଂ ସ୍କ୍ୱାର୍ଡ। ଠିକ୍ ସେହି ସମୟରେ ପଶ୍ଚିବମଙ୍ଗରୁ ଓଡିଶାକୁ ଆସୁଥିଲା ସିକ୍ୟୁଏଲ୍ ଲଜିଷ୍ଟିକ ଟ୍ରାନ୍ସପୋର୍ଟ ନାଁର ଏକ ଗାଡି। ସେହି ଗାଡିକୁ ଯାଞ୍ଚ କରିଥିଲା ଫ୍ଲାଇଂ ସ୍କ୍ୱାର୍ଡ। ଯାଞ୍ଚ ବେଳେ ପୂଳା ପୂଳା ସୁନା ବାହାରିଥିଲା। ଯାହାର ଓଜନ ପ୍ରାୟ ୧୫ କେଜିରୁ ଅଧିକ ହେବ। ଏନେଇ ଫ୍ଲାଇଂ ସ୍କ୍ୱାର୍ଡ ଗାଡିରେ ଥିବା କର୍ମଚାରୀଙ୍କୁ ପଚାରିଥିଲେ। ହେଲେ ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ।

## ଆସନ୍ତାକାଲି କଟକରେ ରୋଡ୍ ସୋ' କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ

ଭୁବନେଶ୍ୱର,୧୪।୫(ପି.ଏନ): ଆସନ୍ତାକାଲି କଟକରେ ରୋଡ୍ ସୋ' କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ଅପରାହ୍ନ ୪ ଟାରୁ ରୋଡ୍ ? ସୋ' ନେଇ କଟକ ନଗର ସଭାପତିଙ୍କ ସୂଚନା । ଗୋପବନ୍ଧୁ ପାର୍କରୁ ଆରମ୍ଭ ହୋଇ ବକ୍ସିବଜାର ଦେଇ ରୋଡ୍ ସୋ ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର ଦେଇ ଯିବ । ନୟାସଡ଼କ, ବାଲୁବଜାର, ଚାନ୍ଦିନୀ ଚୌକ, ମହମ୍ମଦିଆ ବଜାର, ଶେଖ ବଜାର ହୋଇ ଚଣ୍ଡୀ ମନ୍ଦିର ପାଖରେ ପହଞ୍ଚିବ ରୋଡ୍ ସୋ' । ରୋଡ୍ ସୋ'ରେ ଯୋଗ ଦେବେ ହଜାର ହଜାର ସମର୍ଥକ । ଶାନ୍ତି ଶୃଙ୍ଖଳା ନେଇ ପ୍ରଶାସନର ବ୍ୟାପକ ପ୍ରସ୍ତୁତି ।



## ରାଜଧାନୀରୁ ଜବତ ୫ କୋଟି ଯାଜପୁରର ଜଣେ ବିଜେଡ଼ି ନେତାଙ୍କ ପାଖ ଲୋକଙ୍କର !

ଭୁବନେଶ୍ୱର,୧୪।୫(ପି.ଏନ): ନିର୍ବାଚନ ପାଇଁ ସବୁଠି ଯାଞ୍ଚ କଡାକଡି ହେଉଥିବା ବେଳେ ରାଜଧାନୀ ଭୁବନେଶ୍ୱରର ହାଇପ୍ରୋଫାଇଲ୍ ଅଞ୍ଚଳରୁ ଜବତ ହୋଇଛି ୫ କୋଟିରୁ ଅଧିକ ଟଙ୍କା। କୁହାଯାଉଛି ଏହି ଟଙ୍କା ଭର୍ତ୍ତି କାର୍‌ଟି ଯାଜପୁର ଜିଲ୍ଲାର ଜଣେ ଟାଣୁଆ ବିଜେଡି ନେତାଙ୍କ ଡାହାଣ ହାତ କୁହାଯାଉଥିବା ଠିକାଦାର ନିହାର ରଞ୍ଜନ ମାନ୍ଧାତାଙ୍କର ! ହେଲେ ସେହି ବିଜେଡି ଟାଣୁଆ ନେତା କିଏ ତାଙ୍କ ନାଁ କ'ଣ ଅନ୍ୟପକ୍ଷରେ ଏତେ ପରିମାଣର ଟଙ୍କା ରାଜଧାନୀ ଆସିଥିଲା ନା ଯାଉଥିଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। ସୋମବାର ବିଳମ୍ବିତ ରାତିରେ ରାଜଧାନୀର ଭୁବନେଶ୍ୱରର ହାଇପ୍ରୋଫାଇଲ୍ ଅଞ୍ଚଳ ଭାବେ ପରିଚିତ ସୂର୍ଯ୍ୟନଗର ଏଲ୍‌ଆଇସି





ଅଫିସ୍ ପାଖରେ ଗୋଟିଏ ଫର୍‌ଚୁନର କାର୍ ଛିଡା ହୋଇଥିଲା। ସେହି କାର୍‌ରେ ଟଙ୍କା ଥିବା ନେଇ ଆୟକର ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା। ଚଢ଼ଉ ସମୟରେ କାର ଭିତରେ ୩ଟି ବଡ କଳା ବ୍ୟାଗରେ ପ୍ରାୟ ୫ କୋଟିରୁ ଅଧିକ ଟଙ୍କା ଥିବା ଦେଖିବାକୁ ପାଇଥିଲା। ପରେ ଟଙ୍କା ସମ୍ପର୍କରେ କାର୍ ଭିତରେ ବ୍ୟକ୍ତିଙ୍କୁ ପଚାରିଥିଲା। ହେଲେ ସେମାନେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ।

## ପ୍ରାର୍ଥିପତ୍ର ଦାଖଲ କଲେ ରାଇରଙ୍ଗପୁର, ସାରସକଣା ବିଧାୟକ ପ୍ରାର୍ଥୀ

ରାଇରଙ୍ଗପୁର,୧୪।୫(ପି.ଏନ): ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ମଙ୍ଗଳବାର ଅନ୍ତିମ ଦିନ ଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଜେଡି ତରଫରୁ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଏବଂ ସାରସକଣା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକଙ୍କ ନାମାଙ୍କନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ହଜାର ହଜାର ବିଜେଡି ସମର୍ଥକ, ଯୁବ, ମହିଳା, ଛାତ୍ର, କୃଷକ ବିଶାଳ ପଟୁଆର ଶୋଭାଯାତ୍ରାରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରଠାରୁ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଲି ଚାଲି ନିଜର ପ୍ରିୟ ପ୍ରାର୍ଥୀଙ୍କ ଫଟୋ ପ୍ଲାକାର୍ଡ ଧରି ପହଞ୍ଚିଥିଲେ। ପାରଂପରିକ ବେଶଭୂଷା ପିନ୍ଧି, ଆଦିବାସୀ ନୃତ୍ୟ, ବାଜା, ବଜାଇ



ଚାଲିଥିଲେ। ପଛରେ ସୁସଜ୍ଜିତ ରଥରେ ବିଜେଡି ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି, ରାଇରଙ୍ଗପୁର ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ଏବଂ ସାରସକଣା ବିଧାୟକ ପ୍ରାର୍ଥୀ ଡାକ୍ତର ଦେବାଶିଷ ମାରାଣ୍ଡି ଉପସ୍ଥିତ ରହି ରାଇରଙ୍ଗପୁର ସହରବାସୀଙ୍କୁ ପ୍ରଣାମ, ଗୁହାରି ଓ ହାତ ହଲାଇ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ଦୁର୍ଗା ମଣ୍ଡପ ଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ପ୍ରାର୍ଥୀମାନେ ପୁଷ୍ପମାଲ୍ୟ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଆସନ୍ତାକାଲି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ନିଳାଦ୍ରୀ ମହୋଦୟ ନୀତି

ପୁରୀ,୧୪।୫(ପି.ଏନ): ବୁଧବାର ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ନିଳାଦ୍ରୀ ମହୋଦୟ ନୀତି । ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ବ୍ରହ୍ମାଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ରତ୍ନ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତୀ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ପ୍ରମୁଖ ଯାତ୍ରା ମଧ୍ୟରୁ ନିଳାଦ୍ରୀ ମହୋଦୟ ଅନ୍ୟତମ ପ୍ରମୁଖ ଯାତ୍ରା ହୋଇଥିବାରୁ ବିଶେଷ ନୀତି ଅନୁଷ୍ଠିତ ହେବ ।ସକାଳ ଧୂପ ପରେ ଆଲଟ ଲାଗି ନୀତି ଶେଷ କରାଯାଇ ଅଧିବାସ ହୋଇ ରହିଥିବା ୧୦୮ ଗଡୁ ଜଳକୁ ରତ୍ନ ସିଂହାସନ ନିକଟକୁ ଅଣାଯିବ । ପୂଜାପଣ୍ଡା ସେବକ ମାନେ ଅଧିବାସ ଜଳକୁ ସଂସ୍କାର କରିବା ପରେ ମହାପ୍ରଭୁଙ୍କ ସମ୍ମୁଖରେ ଦର୍ପଣ ରଖାଯାଇ ମହାସ୍ନାନ ନୀତି କରାଯିବ । ପରେ ନୂଆ ବସ୍ତ୍ର ଲାଗି ହେବାସହ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ବିଶେଷ ନୀତି କରାଯିବ । ସ୍କନ୍ଦ ପୁରାଣ ଅନୁସାରେ ନିଳାଦ୍ରୀ ମହୋଦୟ ଦିବସରେ ମହାପ୍ରଭୁଙ୍କୁ ସ୍ମରଣ ଓ ପୂଜା ପାଠ କଲେ ଅଶେଷ ପୂଣ୍ୟ ମିଳିବା ସହ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## କେଉଁଠି ଅଛନ୍ତି ଅନୁଭବ ମହାନ୍ତି ? ଯଲଦି ଗିରଫ ପାଇଁ ପୁରୀଘାଟ ଥାନାଧିକାରୀଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୪।୫(ପି.ଏନ) ପୁରୀଘାଟ ଥାନା ଅଧିକାରୀଙ୍କୁ କଡା ନିର୍ଦ୍ଦେଶ, ଶୁଣାଣି ପୂର୍ବରୁ ଅନୁଭବଙ୍କୁ ଗିରଫ କର। ଅନୁଭବଙ୍କ ନାଁରେ ଜାରି ହୋଇଛି ଜାମିନବିହୀନ ଗିରଫ ପରଓ୍ୱାନା। ହାତକଡରେ ରହିବେ ଅନୁଭବ ମହାନ୍ତି । କୋର୍ଟ ନିର୍ଦ୍ଦେ ଦେଇଛନ୍ତି ଜଲଦି ଅନୁଭବ ମହାନ୍ତିଙ୍କୁ ଗିରଫ କରିବା ପାଇଁ । ଆଉ ପ୍ରଚାର କରିପାରିବେ ନାହିଁ ଅନୁଭବ । ଏବେ ଥାନରେ ଯାଇ ରହିବେ । ଶୁଣାଣି ପୂର୍ବରୁ ଅନୁଭବ ମହାନ୍ତିଙ୍କୁ ଗିରଫ କରିବା ପାଇଁ ପୁରୀଘାଟ ଥାନଧିକାରୀଙ୍କୁ ରହିଛି ନିର୍ଦ୍ଦେଶ ।କେନ୍ଦ୍ରାପଡା ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ଜେଏମ୍‌ଏଫ୍‌ସି ଅଦାଲତ ଜାମିନବିହୀନ ଗିରଫ ପରଓ୍ୱାନା ଜାରି କରିଛନ୍ତି । ଯାହା ପରେ ଅନୁଭବ ମହାନ୍ତିଙ୍କୁ ଜୋରଦାର ଝଟକା ଲାଗିଛି । ଅନୁଭବଙ୍କ ସହ ତାଙ୍କ ଦୁଇ ସହଯୋଗୀ ଖଗେଶ୍ୱର ଏବଂ ସୁଜିତ ମଧ୍ୟ ଗିରଫ ହୋଇ ଜେଲ ଯିବେ । ଅନୁଭବ କହୁଥିଲେ ବର୍ଷାଙ୍କ ସବୁ ଅଭିଯୋଗ ମିଛ । ମୋ ବିରୁଧରେ ଯାହା କହୁଛନ୍ତି ସବୁ ମିଛ । ଅଦାଲତ ବର୍ଷାଙ୍କ ଅଭିଯୋଗକୁ ଖାରଜ କରନ୍ତୁ । ହେଲେ ଏବେ ବର୍ଷାଙ୍କ ଅଭିଯୋଗ ସତ ପ୍ରମାଣିତ ହୋଇଗଲା । ଜାହାପରେ ଅନୁଭବଙ୍କୁ ଗିରଫ ପାଇଁ ହୋଇଛି ନିର୍ଦ୍ଦେଶ ।ଅଭିଯୋଗ ମୁତାବିକ ପୁରୀଘାଟ ଥାନାରେ ବର୍ଷା ପ୍ରିୟଦର୍ଶୀନି ତାଙ୍କ ଉପେର ଅନୁଭବ ଏବଂ ତାଙ୍କର ଦୁଇଜଣ ସହଯୋଗ ଘରୋଇ ହିଂସା ଏବଂ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରିଥିଲେ । ପୁରୀଘାଟ ଥାନା ଆଇପିସିର ଦଫା ୪୯୮ କ, ୩୪୧, ୫୦୬, ଓ ୩୪ରେ ଅନୁଭବ ଏବଂ ଅନ୍ୟ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା । ଯାହା ପରେ ପୋଲିସ ଦାଖଲ କରିଥିଲା ଚାର୍ଜସିଟ ।

## ନେତା-ମନ୍ତ୍ରୀଙ୍କୁ ଦେଖି ଗୋଡ଼ାଇଲେ ଲୋକେ; 'ରୋଡ୍ ନାହିଁ ତ ଭୋଟ୍ ନାହିଁ' କହି ଗାଁରେ ପଶିବାକୁ ଦେଲେନି

ବାଲେଶ୍ୱର,୧୪।୫(ପି.ଏନ): ଅଭିଶପ୍ତ ଗାଁ ଅର୍ଜୁନୀ, ଗାଁକୁ ନା ଅଛି ରାସ୍ତା, ନା ପାଣି, ନା ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ବାସଗୃହ, ଗାଁରେ ୮୦ ରୁ ଅଧିକ ଲୋକ ବସବାସ କରୁଥିଲେ ବି ସରକାରୀ ସୁବିଧା ଏମାନଙ୍କ ପାଇଁ ଅପହଞ୍ଚ । ଗାଁରେ ମୌଳିକ ସୁବିଧା ନଥିବାରୁ ଭୋଟ ବର୍‌ଜନ କରିବେ ବୋଲି ଦେଇଛନ୍ତି ଚେତାବନୀ । ଆସନ୍ତୁ ପରଖିବା ଅଭିଶପ୍ତ ଅର୍ଜୁନୀ ଗାଁର ବିକଳ ଚିତ୍ର ।ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବରୁଣଗଡିଆ ପଞ୍ଚାୟତର ଆଭିଶପ୍ତ ଗାଁ ଅର୍ଜୁନୀ । ବସ୍ତା ସଦର ମହକୁମା ଠାରୁ ମାତ୍ର ୩ କିଲୋମିଟର ଦୁରରେ ଅବସ୍ଥିତ ଏହି ଗାଁ । ଗାଁରେ ବସବାସ କରନ୍ତି ୧୫ ପରିବାରରୁ ୮୦ ରୁ ଅଧିକ ଲୋକ ।ସ୍ୱାଧିନତାର ୭୬ ବର୍ଷ ପରେ ମଧ୍ୟ ଏହି ଗାଁ ବିକାଶ ଠାରୁ ବହୁ ଦୁରରେ । ଗାଁକୁ ନା ଅଛି ରାସ୍ତା, ନା ଅଛି ପାଣି, ନା ମିଳିପାରୁଛି ଶିକ୍ଷା ସ୍ୱସ୍ଥ୍ୟ ଭଳି ମୌଳିକ ସୁବିଧା, ସବୁଠାରୁ ବଡକଥା ହେଉଛି ମୁଣ୍ଡଗୁଞ୍ଜିବା ପାଇଁ ସରକାରଙ୍କ ଆବାସ ଯୋଜନରରେ ନାହିଁ ଘର ଖଣ୍ଡିଏ । ଯାହା ଫଳରେ ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମର ଗ୍ରାମବାସୀ । ଗାଁକୁ ସ୍ଥାୟୀ ରାସ୍ତା ନଥିବାରୁ ଯୋଉଁ ଜମି ହିଡରେ ଲୋକେ ଯାତାୟତ କରୁଛନ୍ତି ସେଥିରେ ଗାଡି ମଟରତ ଦୁରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟ । ଗାଁରେ ଲୋକଙ୍କ ପାଇଁ ପାନୀୟ ଜଳ ସୁବିଧା ନଥିବାରୁ ବହୁ ଦାବି ପରେ ୨ ବର୍ଷ ତଳେ ସୋଲାର ମାଧ୍ୟମରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ମାତ୍ର ତାହା ବର୍ଷେ ? ତଳୁ ଅକାମୀ ହୋଇଥିଲେ ମଧ୍ୟ କେହି ମରାମତି କରୁନାହାନ୍ତି ।ଯୋଉଁ ଗୋଟିଏ ନଳକୂପ ଅଛି ସେଥିରୁ ବାହାରୁଥିବା ପାଣି ଅସନା ଓ ଦୁର୍ଗନ୍ଧ ହେଉଥିବାରୁ ବ୍ୟବହାର ଉପଯୋଗି ନୁହେଁ । ଗାଁରେ ସ୍କୁଲ କିମ୍ବା ଅଙ୍ଗନବାଡି ନଥିବାରୁ ସମସ୍ତ ଲୋକ ନିରକ୍ଷର,ଗାଁ ଠାରୁ ଅଙ୍ଗନବାଡି କିମ୍ବା ସ୍କୁଲ ୨ ରୁ ୩ କିଲୋମିଟର ଦୁରରେ ରହିଥିବାରୁ ଏପଟେ ରାସ୍ତା ନଥିବାରୁ ପାଠ ପଢିବା ପାଇଁ ଯାଇ ପାରୁ ନାହାନ୍ତି ପିଲା । ଯାହା ଫଳରେ ଶିକ୍ଷା ଏମାନଙ୍କ ପାଇଁ ଅପହଞ୍ଚ । ଗାଁକୁ ରାସ୍ତା ନଥିବାରୁ ରୋଗ ହେଲେ ଡାକ୍ତରଖାନା ଯିବା ପାଇଁ ଖଟିଆ ହେଉଛି ଏମାନଙ୍କର ଭରଷା । ନେତା ମନ୍ତ୍ରୀଙ୍କୁ ଯେତେ ଗୁହାରି କଲେ ମଧ୍ୟ ଫଳ ଶୁନ । ନିର୍ବାଚନ ଆସିଲେ ନେତା ଆସନ୍ତି ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶୃତି ମଧ୍ୟ ଦିଅନ୍ତି । ଆଉ ନିର୍ବାଚନ ସରିଗଲେ ପ୍ରତିଶୃତି ପ୍ରତିଶୃତିରେ ରହିଯାଏ । କେବେବି ଏହି ଗାଁରେ ନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ପାଦ ପଡେନି ବୋଲି କହିଛନ୍ତି ଏହି ଗାଁର ଗ୍ରାମବାସୀ ।

## ବିଜେପିରୁ ଇସ୍ତଫା ଦେଲେ ହିମାଂଶୁ ଶେଖର ସାହୁ

ଭୁବନେଶ୍ୱର,୧୪।୫(ପି.ଏନ: ବିଜେପିରୁ ଇସ୍ତଫା ଦେଲେ ହିମାଂଶୁ ଶେଖର ସାହୁ । ଯାଜପୁର ଧର୍ମଶାଳା ବିଜେପି ନେତା ହିମାଂଶୁ ଆଜି ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି ହିମାଂଶୁ । ଧର୍ମଶାଳା ବିଜେପି ଟିକେଟ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିଲେ ହିମାଂଶୁ । ସେ ଦଳୀୟ ଟିକଟ ପାଇଁ ଆଶାୟୀ ଥିବା ବେଳେ ଦଳ ସ୍ମୃତିରେଖା ପହିଙ୍କୁ ଟିକେଟ ଦେଇଥିଲା । ଯାହାକୁ ନେଇ ଅସନ୍ତୁଷ୍ଟ ଥିଲେ ହିମାଂଶୁ । ବଡ଼ କଥା ହେଲା ସେ ଗତକାଲି ସ୍ୱାଧୀନ ଭାବେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଦଳ କେଉଁ ସ୍ୱାର୍ଥରେ ଧର୍ମଶାଳା ଟିକେଟ ବଣ୍ଟନ କରିଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବିଜେପିରେ ସବୁକିଛି ଠିକ ଠାକ ଚାଲୁ ନଥିବା ବେଳେ ଦଳର କିଛି ନେତା ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି । ଦଳ ବ୍ୟକ୍ତିକୈନ୍ଦ୍ରିକ ଭାବେ ପରିଚାଳିତ ହେଉଛି । ଏ ନେଇ ତୁଙ୍ଗ ନେତୃତ୍ୱକୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବାରୁ ଆଜି ସେ ଦଳରୁ ଇସ୍ତଫା ଦେଇଛନ୍ତି । ସ୍ୱାଧୀନ ଭାବେ ଆଗାମୀ ଦିନରେ ଧର୍ମଶାଳାବାସୀଙ୍କ ସ୍ୱାଭିମାନ ପାଇଁ ଲଢେଇ କରିବେ ବୋଲି ହିମାଂଶୁ କହିଛନ୍ତି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟି କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ଯ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ମଇ ୧୫**

# ନିର୍ବାଚନ ନିର୍ଯ୍ୟାତନା



ଯୁଧିଷ୍ଠିର ମହାରଣା

ଏପ୍ରିଲ, ମେ, ଜୁନ ଏଇ ତିନିମାସ ହିଁ ଆମ ଦେଶରେ ଗ୍ରୀଷ୍ମ ଅନୁଭୂତ ହୁଏ। ଠିକ ଏଇ ସମୟରେ ନିର୍ବାଚନ ଆସିଛି। ଏ ବର୍ଷ ରାଜ୍ୟରେ ଗ୍ରୀଷ୍ମ ଦିନକୁ ଦିନ ଅତ୍ୟାଚାରୀ ହେବାରେ ଲାଗିଛି। ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି, କେତେକ ସ୍ଥାନରେ ୪୪ ଡିଗ୍ରୀ ମଧ୍ୟ ଅତିକ୍ରମ କରିସାରିଲାଣି। ବୋଝ ଉପରେ ନଳିତା ବିଡ଼ା ଭଳି ତାତି ସାଙ୍ଗକୁ ଜଳକଷ୍ଟ ଅଧିକ ଅସହ୍ୟ ହୋଇଛି। ଏଭଳି ସମୟରେ କର୍ମଚାରୀମାନଙ୍କ ପାଇଁ ନିର୍ବାଚନ ପ୍ରସ୍ତୁତି ଏବଂ ନେତାଙ୍କ ପାଇଁ ନିର୍ବାଚନ ପ୍ରଚାର ନିର୍ଯ୍ୟାତନା ଭଳି ମନେହେଉଛି। ପ୍ରଶ୍ନ ଉଠୁଛି ଏ ତିନିମାସକୁ କାହିଁକି ନିର୍ବାଚନ ପାଇଁ ବଛାଗଲା। ନିର୍ବାଚନ ତାରିଖ ଧାର୍ଯ୍ୟ କରାଯିବା ପୂର୍ବରୁ ପାଣିପାଗ ବିଭାଗର ପରାମର୍ଶ ନେବା ଉଚିତ ଥିଲା। ଏଭଳି ସମୟରେ ନିର୍ବାଚନ ହେବା ଉଚିତ ଯେଉଁ ସମୟରେ ଭୋଟ ସହଜରେ ଯାଇ ଭୋଟ ଦେଇପାରିବେ ଏବଂ ପ୍ରାର୍ଥୀ ମାନଙ୍କ ପାଇଁ ମଧ୍ୟ ପ୍ରଚାର କରିବା ସହଜ ହେବ। ଏକ ସନ୍ତୁଳିତ ମାସରେ ନିର୍ବାଚନ କରାଯାଇଥିଲେ ଭୋଟହାର ନିଶ୍ଚିତ ଭାବେ ବଢ଼ିଥାନ୍ତା। ଗ୍ରୀଷ୍ମ ଯେଉଁଭଳି ଅତ୍ୟାଚାରୀ ହୋଇଛି ଏବେ ସାମାନ୍ୟ ଅସୁସ୍ଥ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ବୁଥକୁ ଯାଇ ଭୋଟ ଦେବା ସହଜ ହେବନି ବୋଧେ। ତେଣୁ ଭୋଟ ହାର କମିବାର ସମ୍ଭାବନା ରହିଛି।

ପ୍ରାର୍ଥୀଙ୍କ ପାଇଁ ଗ୍ରୀଷ୍ମର ପ୍ରକୋପ ଅଧିକ କଷ୍ଟଦାୟକ ହୋଇଛି। ଖରାକୁ ଡରିଲେ ନିର୍ବାଚନ ମଣ୍ଡଳୀର ପ୍ରତିଟି ଲୋକଙ୍କୁ ହୁଏତ ଛୁଇଁ ହେବନି ଏଇ ଆଶଙ୍କାରେ ମୁଣ୍ଡଫଟା ଉହଡହ ଖରାରେ ମଧ୍ୟ ପ୍ରାର୍ଥୀମାନେ ଘରକୁ ଘର ବୁଲୁଥିବାର ଦେଖିବାକୁ ମିଳୁଛି। ସଭାସମିତି ଏବଂ ର୍ୟାଲି ମଧ୍ୟ ଚାଲିଛି। ଆମ ଦେଶରେ ନିର୍ବାଚନକୁ ଗଣତନ୍ତ୍ରର ଏକ ମହାପର୍ବ ବୋଲି କୁହାଯାଉଛି। ତେଣୁ ଗାଁଠୁ ସହର ଯାଏଁ ସବୁଠି ସମସ୍ତେ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ଏ ମହାପର୍ବରେ ସାମିଲ ଅଛନ୍ତି। ଗ୍ରୀଷ୍ମପ୍ରବାହ ଏବଂ ଉତ୍ତାପକୁ ଆଖି ଆଗରେ ରଖି ଲୋକଙ୍କୁ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି। କିନ୍ତୁ ସବୁ ସତ୍ତ୍ୱେ ନେତାମାନେ ସେମାନଙ୍କ ପ୍ରଚାର ଅଭିଯାନ ଜାରି ରଖିଛନ୍ତି। ଅନେକ ଜାଗାରେ ଛୋଟ ଛୋଟ ପିଲାଙ୍କୁ ମଧ୍ୟ ପ୍ରଚାରରେ ସାମିଲ କରାଯାଉଥିବାର ଦେଖିବାକୁ ମିଳିଛି। ଏଇ କାରଣରୁ ଅଂଶୁଘାତ ଆଶଙ୍କା ବଢ଼ିବାର ସମ୍ଭାବନା ରହିଛି। ଆମ ଦେଶର ନେତାମାନେ ହିଁ ସବୁଠୁ ଅଧିକ ବିଶୃଙ୍ଖଳିତ ହୁଅନ୍ତି ଏବଂ ନିୟମ ଭାଙ୍ଗନ୍ତି। ନେତାଙ୍କ ମିଟିଂ, ରାଲି ଏବଂ ରୋଡ୍ ଶୋ' ପାଇଁ ଟ୍ରାଫିକ ଜାମ ହୁଏ। ପରିବେଶ ପ୍ରଦୂଷିତ ହୁଏ ଭୋଜିଭାତର ଅଇଁଠା ଖଲି ଏଣେତେଣେ ପଡ଼ି। ଶବ୍ଦ ପ୍ରଦୂଷଣ ସୀମା ଉଲ୍ଲଂଘନ କରେ ଡାକବାଜି ଯନ୍ତ୍ରର ତୀବ୍ରତାରେ ଲଗାମ ନଥିବା କାରଣୁ। ତେଣୁ ଅନ୍ୟମାନଙ୍କୁ କିଏ ସଚେତନ କରାଇବ ? ନୀତି ନୈତିକତା, ଆଦର୍ଶକୁ ଭୁଲି ଯେଉଁମାନେ ଟିକେଟ ଲୋଭରେ ଏ ଦଳରୁ ସେ ଦଳକୁ ଡିଆଁ ମାରୁଛନ୍ତି ସେମାନେ ନିର୍ବାଚନରେ ଜିତି ମନ୍ତ୍ରୀ, ବିଧାୟକ ହେଲେ ସ୍କୁଲ ପିଲାଙ୍କୁ ନୀତିବାନ ହେବାର ପରାମର୍ଶ ଯେ ନଦେବେ ଏକଥା କହିହେବନି। ନେତାମାନେ ଖରାତରାରେ ଝାଳନାଳ ହୋଇ ପ୍ରଚାର କରିବାର ପରବର୍ତ୍ତୀ ସମୟରେ ସେମାନେ ଅୟସ କରିବେ। କିନ୍ତୁ ଯେଉଁ ସାଧାରଣ ଲୋକଟି ଖରାରେ ଯାଇ ନିଜ ମୂଲ୍ୟବାନ ଭୋଟ ଖଣ୍ଡିକ ଦେଇ ତାଙ୍କୁ ଜିତାଇଲେ ସେ କ'ଣ ପାଇବେ ? ଯେଉଁ ଆଶା ନେଇ ସିଏ ତାଙ୍କ ଅଧିକାର ସାବ୍ୟସ୍ତ କରିବେ ପରବର୍ତ୍ତୀ ସମୟରେ ସିଏ ଯେ ଠକି ଯାଇନାହାନ୍ତି ଏହାକୁ ନେତାଏ ସୁନିଶ୍ଚିତ କରାଯାଇପାରିବେ ତ ?

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୧୬୩୫୨୮*

# ସର୍ବଶେଷ କାନାଡିୟ ନିର୍ଗମନ ତଥ୍ୟ ଏକ growing ଥିବା ଅର୍ଥନୀତିରେ ଅଗ୍ରଗତି ଦର୍ଶାଉଛି



ସାଇକତ୍ କୁମାର ବସୁ

ଭିକ୍ଟୋରିଆ - କାନାଡାର ନ୍ୟାସନାଲ ଇନଭେଣ୍ଟୋରୀ ରିପୋର୍ଟର ସର୍ବଶେଷ ନିର୍ଗମନ ତଥ୍ୟର ଉତ୍ତରରେ କ୍ଲିନ୍ ଏନର୍ଜି କାନାଡାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାର୍କ ଜାକରିଆସ୍ ନିମ୍ନଲିଖିତ ବିବୃତ୍ତି ଦେଇଛନ୍ତି:"ସର୍ବଶେଷ ନିର୍ଗମନ ରିପୋର୍ଟରେ ଦର୍ଶାଯାଇଛି ଯେ କାନାଡା ସଠିକ୍ ଦିଗରେ ଗତି କରୁଛି। ୨୦୨୧ ରୁ ୨୦୨୨ ମଧ୍ୟରେ ଅଙ୍ଗାରକାମ୍ଳ ପ୍ରଦୂଷଣ ୧.୩% ବୃଦ୍ଧି ପାଇଥିବାବେଳେ ଏହା ୨୦୦୫ ସ୍ତରରୁ ୭.୧% ଏବଂ ପ୍ରାକ୍-ମହାମାରୀ ସ୍ତର



(୨୦୧୯) ଠାରୁ ୫.୯% ତଳେ ରହି ୨୦୨୬ ଜଳବାୟୁ ଲକ୍ଷ୍ୟ ପୂରଣ କରିବା ପାଇଁ କାନାଡାକୁ ଟ୍ରାକରେ ରଖିଛି ଏବଂ ୨୦୩୦ ଲକ୍ଷ୍ୟରେ ପହଞ୍ଚିଛି।୨୦୨୨ ମସିହାରେ କାନାଡା ମହାମାରୀରୁ ପ୍ରତ୍ୟାବର୍ତ୍ତନ ଜାରି ରଖିଥିବାରୁ ନିର୍ଗମନରେ ସାମାନ୍ୟ ବୃଦ୍ଧି ଆଶା କରାଯାଉଥିଲା। ଉଲ୍ଲେଖଯୋଗ୍ୟ, ନିର୍ଗମନରେ ୧.୩% ଅଭିବୃଦ୍ଧି ଜିଡିପିର ୩.୮% ବୃଦ୍ଧି ଠାରୁ ଯଥେଷ୍ଟ କମ୍ ଥିଲା।"ଅଙ୍ଗାରକାମ୍ଳ ମୂଲ୍ୟ ସମେତ ଜଳବାୟୁ ପଦକ୍ଷେପଗୁଡ଼ିକର ଏକ ଆକର୍ଷଣୀୟ ସୁଟ୍ ବହନ କରିବାକୁ କେନ୍ଦ୍ର ସରକାର ଆଣିଛନ୍ତି। ଏବଂ କାନାଡାର ଅର୍ଥନୀତି ଏବଂ ଜନସଂଖ୍ୟା ବୃଦ୍ଧି ହେତୁ ଆମେ ଏହି କାର୍ଯ୍ୟର ପ୍ରମାଣ ଦେଖୁଛୁ ।"କିନ୍ତୁ ପ୍ରଦେଶଗୁଡିକ ବୃହତ ଶକ୍ତି, ପୁଞ୍ଜି ବିନିଯୋଗ ଏବଂ ଭିତ୍ତିଭୂମି ନିଷ୍ପତ୍ତି ଉପରେ ଚ଼କ୍ର ଧରିଥିବାରୁ ସେମାନଙ୍କ ଓଜନ ଟାଣିବାର ସମୟ ଆସିଛି। ବାସ୍ତବରେ, ଯଦିଓ ୮୦% ଜନସାଧାରଣ ଖର୍ଚ୍ଚ ପାଇଁ ପ୍ରଦେଶ ଦାୟୀ, ପ୍ରାଦେଶିକ ଜଳବାୟୁ ନୀତି କାନାଡାର ଧାର୍ଯ୍ୟ ନିର୍ଗମନ ହ୍ରାସର ଅଧାରୁ କମ୍ ଅଟେ ।"ବର୍ତ୍ତମାନର ତୁଳନାରେ ନେଟ-ଶୂନ ୨୦୫୦ ରେ କାନାଡା ୭୦୦,୦୦୦ ଅଧିକ ଶକ୍ତି ଚ଼ାକିରି ଦେଖିବାକୁ ସ୍ଥିର କରିଛି ଏବଂ ସେହି ଭବିଷ୍ୟତରେ ଶକ୍ତି ପାଇଁ ୧୨% କମ୍ ଖର୍ଚ୍ଚ କରିବାକୁ ଟ୍ରାକରେ ଥିବା ପରିବାରଗୁଡ଼ିକ - ସ୍ୱଚ଼୍ଛ ଶକ୍ତିରେ ଯିବା ଦ୍ୱାରା ପ୍ରାଦେଶିକ ଅର୍ଥନୀତି ସ୍ଥିର ହେବା ସହିତ ଘରର ସଞ୍ଚୟକୁ ଖୋଲିବ । ସଫଳତା ପାଇଁ ୨୦୨୦ ଠାରୁ ଖଣି ଏବଂ ଉତ୍ପାଦନ ବିନିଯୋଗରେ ୪୬ ବିଲିୟନ ଡଲାରର ଅନଟାରିଓଙ୍କ ଦକ୍ଷତା, ଉଦାହରଣ ସ୍ୱରୂପ, ସ୍ୱଚ଼୍ଛ ଅର୍ଥନ କ୍ଟକ୍ଟକ୍ଟକ୍ଟକ୍ସଙ୍କଭସବ୍ସସରଶ୍ୱ ଟିକ ସୁଯୋଗ ଗ୍ରହଣ କରିବା ପରି ଫଳାଫଳ ଅଟେ, ଯାହା ନିକଟରେ ହୋଣ୍ଡା ଠାରୁ ୧୫ ବିଲିୟନ ଡଲାରର ପୁଞ୍ଜି ବିନିଯୋଗରେ ପରିଣତ ହୋଇଥିଲା ।"ଯେହେତୁ କାନାଡାର ସର୍ବବୃହତ ବାଣିଜ୍ୟ



ଭାଗୀଦାରୀ ସେମାନଙ୍କର ଅର୍ଥନୀତିକୁ ପରିବର୍ତ୍ତନ କରନ୍ତି ଏବଂ କାନାଡା ଆଉ ଏକ ରେକର୍ଡ ଭାଙ୍ଗିବା ବର୍ଷର ସମ୍ମୁଖୀନ ହୁଏ, ଜଳବାୟୁ କାର୍ଯ୍ୟ ସମୃଦ୍ଧତା ପାଇଁ ଆଉ ଇଚ଼୍ଛାଧୀନ ନୁହେଁ । ଏହି ବାସ୍ତବତାକୁ ସ୍ୱୀକୃତି ଦେଇଥିବାରୁ ଆମେ କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରୁଛୁ ଏବଂ ସୁଯୋଗକୁ ଭଲ ଭାବରେ ଗ୍ରହଣ କରିବାକୁ ପ୍ରଦେଶଗୁଡିକୁ ଉତ୍ସାହିତ କରୁଛୁ।

*କୋଲକତା*

# ଡାକ୍ତର ନେତାଙ୍କ ରାଜନୀତି ସର୍ଜରୀ

ରାଜନୀତି ଏପରି ଏକ ବୃତ୍ତି ବା ସେବା ଯେଉଁଠି ସବୁ କ୍ଷେତ୍ରରୁ ଏବଂ ସବୁ ବୃତ୍ତିରୁ ମଧ୍ୟ କିଏ ସ୍ୱେଚ୍ଛାରେ ଚାକିରିରୁ ଅବସର ନେଇ କିଏ ବି ଅବସର ପରେ ରାଜନୀତିକୁ ଓହ୍ଲାଉଛନ୍ତି। ତେବେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତରମାନେ ରାଜନୀତିକୁ ଆସିବା ବିରଳ ଘଟଣା। ସବୁଠାରୁ ରୋଚକ କଥା ହେଉଛି ୨୦୨୪ ନିର୍ବାଚନୀ ମୈଦାନର ରାଜନୀତି ଅସ୍ତ୍ରୋପ୍ରଚାର ଗୃହକୁ ଓହ୍ଲାଇଛନ୍ତି ବିଭିନ୍ନ ଦଳର ଲୋକପ୍ରିୟତା ପାଇଥିବା ବହୁ ଡାକ୍ତର। ଡାକ୍ତର ମହୋଦୟଙ୍କ ବେକରେ କିନ୍ତୁ ଷ୍ଟେଥୋ ନାହିଁ ତା' ବଦଳରେ ଦଳୀୟ ଉତ୍ତରୀୟ ପଡ଼ିଛି। ରୋଗୀ ସେବା ବଦଳରେ ଏହି ଡାକ୍ତରମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ତା' ଭିତରେ ଯେଉଁ ଭୋଟରଙ୍କ ଦେହପା' କିଛି ଅସୁବିଧା ଥିବା ତା'ର ନିଦାନ ଆଉ ଚିକିତ୍ସା ବ୍ୟବସ୍ଥା ସେଇଠି ଡାକ୍ତରବାବୁ କରୁଦେଉଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟର ପ୍ରମୁଖ ତିନୋଟି ଦଳ ରୋଗୀସେବା ଭଳି ମହତ କାମ କରୁଥିବା ଡାକ୍ତରମାନଙ୍କୁ ଟିକେଟ ଦେଇ ରାଜନୀତିରେ ସକ୍ରିୟ କରିବା ସହ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବାକୁ ସୁଯୋଗ ଦେଇଛନ୍ତି। ଗତ ୨୦୧୯ ବେଳୁ କିଛି ଡାକ୍ତରବାବୁ ମଧ୍ୟ ନିର୍ବାଚନରେ ଲଢ଼ି ସଫଳ ଆଉ କେହି କେହି ବିଫଳ ମଧ୍ୟ ହୋଇଥିଲେ। ତେବେ ସସମୟର ନୂଆ ରାଜନେତା ହୋଇଥିବା ଡାକ୍ତରବାବୁ ଏବେ ଜଣେ ଜଣେ ଅଭିଜ୍ଞ ରାଜନେତା ଭାବେ ନିଜର ପରିଚୟ ସୃଷ୍ଟି କରିସାରିଲେଣି। ତେବେ ଚଳିତ ରାଜନୀତିରେ କିଛି ନୂଆ ଆଉ ଯୁବ ଡାକ୍ତର ରାଜନୀତିର ପଡ଼ିଆକୁ ନୂଆ ଇନିଂସ ଆରମ୍ଭ କରିବାକୁ ଓହ୍ଲାଇଛନ୍ତି।

ରାଜନେତା ଡାକ୍ତରବାବୁଙ୍କ କଥା ଆଲୋଚନା ହେଲେ ପ୍ରଥମେ ଆସୁଛନ୍ତି ପୁରୀ ସଂସଦୀୟ କ୍ଷେତ୍ରରୁ ବିଜେପି ଟିକେଟରେ ଲଢୁଥିବା ଡାକ୍ତର ସମ୍ବିତ ପାତ୍ର। ନୂଆଦିଲ୍ଲୀରେ ରହି ଉଭୟ ରାଜନୀତି ଓ ଡାକ୍ତରୀ ସେବାରେ ବେଶ୍ ପାରଙ୍ଗମ ସାବ୍ୟସ୍ତ ହୋଇ ବିଜେପିର ଜାତୀୟ ମୁଖପାତ୍ର ହୋଇଥିବା ସମ୍ବିତ ବାବୁ ଗତଥର ମଧ୍ୟ ଏହି କ୍ଷେତ୍ରରୁ ଲଢ଼ିଥିଲେ। ସେହିପରି ଡାକ୍ତର ସଞ୍ଜୟ ଦାଶ ବିଜେପି ଟିକେଟରୁ ଧାମନଗର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଗତ ୨୦୨୨ ଧାମନଗର ଉପ ନିର୍ବାଚନ ବେଳୁ ସେ ସକ୍ରିୟ ରାଜନୀତି ଆରମ୍ଭ କରିଥିଲେ। ସେହିପରି ଉପକୂଳବର୍ତ୍ତୀ ନିର୍ବାଚନ ମଣ୍ଡଳୀ ଆଳିରେ କଂଗ୍ରେସ ଟିକେଟ ପାଇଥିବା ଡାକ୍ତର ଦେବସ୍ମିତା ଶର୍ମା। ରାଜନୀତିରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଭେଟେରାନ କଂଗ୍ରେସ ନେତା



ବାଦଲ ଭୂୟାଁ

ଦେବେନ୍ଦ୍ର ଶର୍ମାଙ୍କ ଝିଅ ଚଳିତ ଥର ଡାକ୍ତରୀ ସେବାରୁ ଇସ୍ତଫା ଦେଇ ନିର୍ବାଚନକୁ ଆସିଛନ୍ତି। ସେହିପରି ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଡାକ୍ତର ଲିପିକା ମାଝି ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ଭୁଜବେଳା ମାଝିଙ୍କ ଝିଅ ଡାକ୍ତର ଲିପିକା ମାଝି ପୂର୍ବରୁ ଜିଲ୍ଲା ପରିଷଦ ସଦସ୍ୟା ଭାବେ ନିଜ ନୂଆ ରାଜନୀତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି। ଜଣେ ଦାନ୍ତ ଡାକ୍ତରଭାବେ ସ୍ଥାନୀୟ ଅଞ୍ଚଳରେ ତାଙ୍କର ଭଲ ହାତ ଅଛି ବୋଲି ଅଞ୍ଚଳବାସୀ କୁହନ୍ତି। ଢେଙ୍କାନାଳ ଲୋକସଭା ଆସନରୁ ଡାକ୍ତର ଅବିନାଶ ସାମଲ ଡାକ୍ତରୀ ଶିକ୍ଷା ପରେ ବେସରକାରୀ ଭାବେ ରୋଗୀସେବା କରୁଥିଲେ। ଚଳିତ ନିର୍ବାଚନରେ ବିଜେଡ଼ି ତାଙ୍କୁ ପ୍ରାର୍ଥୀ କରିଛି। ନିଆଳିରୁ ବିଜେଡ଼ିର ଡାକ୍ତର ପ୍ରମୋଦ ମଲ୍ଲିକ ଜଣେ ଅଭିଜ୍ଞ ରାଜନେତା ପାଲଟିଗଲେଣି। ଜଣେ ସର୍ଜରୀ ବିଶେଷଜ୍ଞ ଭାବେ ସେ ରାଜନୀତିର ଭଲ ସର୍ଜରୀ କରିପାରୁଥିବାରୁ ଦଳ ତାଙ୍କୁ ଚଳିତ ଥର ପୁଣି ଥରେ ଟିକେଟ ଦେଇଛନ୍ତି।

ତେବେ ସବୁଠାରୁ ଜଣେ ଲୋକପ୍ରିୟ ଡାକ୍ତରାଣୀଙ୍କ କଥା ଆମେ ଏଠାରେ ଉପସ୍ଥାପନ କରୁଛୁ। ଜଗତସିଂହପୁର ଲୋକସଭା କ୍ଷେତ୍ରରୁ ବିଜେଡ଼ି ସାଂସଦ ପ୍ରାର୍ଥୀଭାବେ ଗତଥର ବିଜୟିନୀ ହୋଇଥିବା ଡାକ୍ତର ରାଜଶ୍ରୀ ମଲ୍ଲିକ ଚଳିତ ଥର ଦଳ ପକ୍ଷରୁ ଟିକେଟ ପାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଓ କୃତବିଦ ଚିକିତ୍ସକ ଭାବେ ଯେତିକି ପ୍ରସିଦ୍ଧ ଅନେକ ଦାତବ୍ୟ ସଂସ୍ଥା ସହ ଜଡ଼ିତ ରହି ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ଅନେକ ସମୟରେ ବିମାନରେ କିମ୍ବା ଟ୍ରେନ୍‌ରେ ଯାଉଥିବା ସମୟରେ ଆକସ୍ମିକ ଭାବେ ଆହତ ବା ଚିକିତ୍ସା ଖୋଜୁଥିବା ମୁମୁର୍ଷୁଙ୍କୁ ତତ୍କାଳ ଚିକିତ୍ସା ସେବା ଯୋଗାଇ ଦେଇ ଏକ ପୁର୍ନଜୀବନ ସେହି ବ୍ୟକ୍ତିଟିକୁ ଦେଇଥିବାର ଖବର ଅନେକ ବାର ଗଣମାଧ୍ୟମରେ ପ୍ରକାଶ ପାଇଛି। ସେହିପରି ରାଜଗାଙ୍ଗପୁର ବିଧାନସଭା ଆସନରୁ କଂଗ୍ରେସ ପକ୍ଷରୁ ଡାକ୍ତର ସିଏସ ରାଜନ ଏକା ପୁଣିଥରେ ନିଜ ଭାଗ୍ୟ ପରୀକ୍ଷା କରୁଛନ୍ତି। ଡାକ୍ତର ଦେବାଶିଷ ମାରାଣ୍ଡି ବିଜେଡ଼ି ଟିକେଟରୁ ସାରସକଣାରୁ ପ୍ରାର୍ଥୀ ହୋଇଛନ୍ତି। ତେବେ ମଜାଦାର କଥା ହେଉଛି ଏହି ଡାକ୍ତରମାନଙ୍କୁ ପାଖରେ ପାଇ ଭୋଟରମାନେ ନିଜ ଆଉ ପରିବାର ଲୋକଙ୍କର ଦେହପା' ଘର ଦ୍ୱାରମୁଣ୍ଡରେ ଦେଖାଇବାର ସୁଯୋଗ ପାଉଥିବାରୁ ଢେର୍ ଖୁସି। ଆଉ ଲୋକମାନଙ୍କ ଭଲମନ୍ଦ ବୁଝିବା ଭିତରେ ଜଣେ ଡାକ୍ତର ପ୍ରାର୍ଥୀ ହୋଇଥିବାରୁ ସେମାନଙ୍କ ପ୍ରତି ଲୋକମାନଙ୍କର ସ୍ୱତଃ ଶ୍ରଦ୍ଧା ସମ୍ମାନ ଅଧିକ ରହିଥାଏ। ଦ୍ୱିତୀୟ ଭଗବାନ ଭାବେ ପରିଚିତ ଏ ଡାକ୍ତରମାନେ ଯେ ରାଜନୀତିରେ ଦ୍ୱିତୀୟ ଭଗବାନ ହୋଇପାରିବେ ଏହା ତ ପ୍ରଶ୍ନ ଉଠୁନାହିଁ। ତେବେ ରାଜନୀତିରେ ଡାକ୍ତରବାବୁମାନେ ସଫଳ ହୁଅନ୍ତୁ ଆଉ ଲୋକମାନଙ୍କୁ ବିଶେଷକରି ଉନ୍ନତମାନର ଆଉ ଦ୍ୱାର ପାଖରେ ଏପରି ଅମୃତ ସେବା ଯୋଗାଇ ହୃଦୟ ଜିତନ୍ତୁ। ସେମାନଙ୍କ ବିଜୟ କାମନା କରୁଛୁ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ବୈଦ୍ୟୁତିକବର୍ଜ୍ୟ

ଆଧୁନିକ ଜୀବନଶୈଳୀ, ଆର୍ଥିକସ୍ୱଚ଼୍ଛଳତା ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରସାର ଓ ଲୋକପ୍ରିୟତା ଯୋଗୁ ବୈଦ୍ୟୁତିକ ସରଞ୍ଜାମର ବ୍ୟବହାର ଦିନକୁଦିନ ବଢ଼ି ଚ଼ାଲିଛି। ନୂତନ ଜ୍ଞାନକୌଶଳର ପ୍ରୟୋଗ ଏବଂ ଲୋକଙ୍କର ଚ଼ାହିଦା ଓ ପସନ୍ଦ ମୁତାବକ ଆଧୁନିକ ଫିଚ଼ର୍ ସହିତ ଜିନିଷର ପରିମାର୍ଜିତ ସଂସ୍କରଣ ପ୍ରତିଦିନ ବଜାରରେ ଉପଲବ୍ଧ। ? କମ୍ପାନୀମାନେ ମନଲୋଭା ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରୁଛନ୍ତି। ସାମାଜିକପ୍ରତିଷ୍ଠା ପାଇଁ ଲୋକେ ବାରମ୍ବାର ପୁରୁଣାଜିନିଷକୁ ବଦଳେଇ ନୂଆ କିଣନ୍ତି ଯଦିଓ ପ୍ରକୃତରେ ତା'ର ଆବଶ୍ୟକତା ନ ଥାଏ। ବାରମ୍ବାର ଟିଭି, ଫୋନ୍, ଲାପ୍ ?ଟପ୍ ବଦଳେଇବା ଦ୍ୱାରା ଅଧିକ ବର୍ଜ୍ୟ ସୃଷ୍ଟି ହେଉଛି। ଉଭୟ ଇଲେକ୍ଟ୍ରିକାଲ୍ ଓ ଇଲେକ୍ଟ୍ରୋନିକ୍ସ ଉପକରଣ ଯାହା ଆଉ ବ୍ୟବହାର ହୁଏ ନାହିଁ ତାହା ବୈଦ୍ୟୁତିକ ବର୍ଜ୍ୟ ବା ଇଲେକ୍ଟ୍ରୋନିକ୍ ୱେଷ୍ଟ ବା ଇ - ୱେଷ୍ଟ ଭାବରେ ଜଣା। ଇ-ୱେଷ୍ଟ ବର୍ତ୍ତମାନ ପୃଥିବୀର ଦ୍ରୃତଗତିରେ ବୃଦ୍ଧି ପାଉଥିବା ବର୍ଜ୍ୟ। ପଢ଼ନଶୀଳ ହୋଇ ନ ଥିବାରୁ ଏହି ବର୍ଜ୍ୟ ଦେଶମାନଙ୍କ ପାଇଁ ବଡ଼ଚ଼ିନ୍ତାର କାରଣ ହୋଇଛି। ଅନ୍ତର୍ଜାତୀୟ ଦୂରସଂଚ଼ାର ସଂଘ (ଆଇ.ଟି.ୟୁ.) ଅନୁସାରେ ଏହା ପୃଥିବୀର ସବୁଠୁ ଜଟିଳବର୍ଜ୍ୟ। ଇ-ୱେଷ୍ଟ ଦୁଇ ପ୍ରକାରର - ଧଳା ଓ ଧୂସର। ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ରେଫ୍ରିଜେରେଟର, ୱାଶିଂ ମେସିନ୍ ଇତ୍ୟାଦି ଧଳାବର୍ଜ୍ୟରେ ଯାଉଥିବା ବେଳେ ଟେଲିଭିଜନ, ଲାପ୍ ?ଟପ୍, ଡେସ୍କ୍ ?ଟପ୍, ମୋବାଇଲ ଫୋନ୍ ଧୂସରବର୍ଜ୍ୟଭୂକ୍ତ। ଏହି ବର୍ଜ୍ୟ ବିଶ୍ୱର ସମୁଦାୟ ବର୍ଜ୍ୟବସ୍ତୁର ପାଞ୍ଚ ଭାଗ। ବାର୍ଷିକ ହାରାହାରି ଷାଠିଏ ନିୟୁତ ଟନ୍ ର ବିରାଟ ପରିମାଣର ଇ - ୱେଷ୍ଟରୁ ସୃଷ୍ଟି ରିସାଇକ୍ଲିଙ୍ଗ୍ ବା ପୁନଃପ୍ରକ୍ରିୟାକରଣର ପରିମାଣ ମାତ୍ର ୧୫ ଭାଗ। ବୈଦ୍ୟୁତିକ ଉପକରଣରେ ସୀମା, ପାରଦ,ଦସ୍ତା, ବେରିଲିଅମ୍, ନିକେଲ୍, ଟିଣ, କାଡ୍ ?ମିଅମ୍ ପାରଦ, ଲିଥିଅମ୍, ଇରିଡ଼ିଅମ୍ ଇତ୍ୟାଦି ପ୍ରାୟ ୨୧ ପ୍ରକାରର ଧାତୁ ବ୍ୟବହୃତ ହୁଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଚ଼କ୍ରୀକରଣଯୋଗ୍ୟ ଏହି ବର୍ଜ୍ୟକୁ ପୁନଃପ୍ରକ୍ରିୟାକରଣ କରା ନ ଯାଇ ସିଧାସିଧା ଅଳିଆଗଦାରେ ଫୋପାଡ଼ି ଦିଆଯାଏ। ଏହା ଦ୍ୱାରା ପରିବେଶରେ ବିପଜ୍ଜନକ ରାସାୟନିକ ତତ୍ତ୍ୱ ମିଶେ ।ମାଟି, ପାଣି ଓ ବାୟୁ - ସବୁ ଏହା ଯୋଗୁ ପ୍ରଦୂଷିତ ହେଉଛି। ଏହା କେବଳ ମନୁଷ୍ୟ ପାଇଁ ନୁହେଁ, ଭୁଗର୍ଭରୁ ଭୂପୃଷ୍ଠ ଏବଂ ବାୟୁମଣ୍ଡଳ ପର୍ଯ୍ୟନ୍ତ, ମହାସାଗର ଶଯ୍ୟାରୁ ଆକାଶ ପର୍ଯ୍ୟନ୍ତ କ୍ଷୁଦ୍ରକୀଟ ଠାରୁ ବିଶାଳକାୟ ତିମି ପର୍ଯ୍ୟନ୍ତ, ଶୈବାଳ ଠାରୁ ମହାଦ୍ରୁମ ପର୍ଯ୍ୟନ୍ତ - ସମସ୍ତଙ୍କ ପାଇଁ ଏହା ବିପଦର କାରଣ ହୋଇଛି। ଇ-ୱେଷ୍ଟ କେବଳ ପରିବେଶ ପାଇଁ ବିପଦ ନୁହେଁ। ଏହା ବ୍ୟକ୍ତି ଓ ଦେଶର ସୁରକ୍ଷା ପାଇଁ ମଧ୍ୟ ବିପଦ। କମ୍ପ୍ୟୁଟର୍ ଓ ମୋବାଇଲ ଫୋନ୍ ଇତ୍ୟାଦିରେ ଅନେକ ତଥ୍ୟ ରହିଥାଏ ଯାହାକୁ ବ୍ୟବହାର କରି ବିଭିନ୍ନ ଅପରାଧ କରାଯାଇପାରେ, ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟିକ ସୁରକ୍ଷା ପାଇଁ ବିପଦ ସୃଷ୍ଟି ହୋଇପାରେ। ଇ-ୱେଷ୍ଟ ରେ ଏକ ବିରାଟ ଅର୍ଥନୈତିକ କ୍ଷତି ନିହିତ। ବୈଦ୍ୟୁତିକ ଉପକରଣରେ ଅଳ୍ପ ମାତ୍ରାରେ ସୁନା, କୋବାଲ୍ଟ, ବେଲେଡ଼ିଅମ୍, ପ୍ଲାଟିନମ୍ , ଇଣ୍ଡିଅମ୍, ଜର୍ମେନିଆମ୍ ଓ ଆଣ୍ଟିମନି ପରି ମୂଲ୍ୟବାନ ଧାତୁ ବ୍ୟବହୃତ ହୋଇଥାଏ। ସମୁଦାୟ ବର୍ଜ୍ୟବସ୍ତୁର ମାତ୍ର ୧୭ ଭାଗ ରିସାଇକଲ୍ ହେଉଥିବାରୁ ଆଉପରେ ୮୩ ଭାଗ ବର୍ଜ୍ୟରେ ଥିବା ଏହି ମୂଲ୍ୟବାନ ଧାତୁ ହୁଏତ ଫିଙ୍ଗା ହୋଇଯାଏ ଅଥବା ପୋଡ଼ି ଦିଆଯାଏ। ଏହାର ମୂଲ୍ୟ ଆମେରିକୀୟ ଡଲାରରେ ୫୭ ବିଲିଅନ୍ ବୋଲି ହିସାବ କରାଯାଇଛି। ବୈଦ୍ୟୁତିକ ଉପକରଣରେ ସଂରଚ଼ନା ଏକ ସୂକ୍ଷ୍ମ ଓ ଜଟିଳ ପ୍ରକ୍ରିୟା ହୋଇଥିବାରୁ ତାହାର ପୁନଃଚ଼କ୍ରୀକରଣ



ସୁଜାତା ପ୍ରହରାଜ

ଖର୍ଚ୍ଚସାପେକ୍ଷ ଏବଂ କଷ୍ଟକର। ସେଥିପାଇଁ ଏହାର ପୁନଃଚ଼କ୍ରଣ ପ୍ରାୟତଃ ଧନୀଦେଶରେ ହେଉଛି। ଇ - ୱେଷ୍ଟ କ୍ଷେତ୍ରରେ ସବୁଠାରୁ ବଡ଼ ସମସ୍ୟା ହେଉଛି ବିକଶିତଦେଶମାନେ ଅଧିକ ବର୍ଜ୍ୟ ସୃଷ୍ଟି କରୁଛନ୍ତି। ହେଲେ ନିଜଦେଶରେ ସେସବୁ ପ୍ରକ୍ରିୟାକରଣ ପାଇଁ ଅଧିକ ଖର୍ଚ୍ଚ ହେଉଥିବାରୁ ସେସବୁକୁ ବିକାଶଶୀଳ ଓ ଅନୁନ୍ନତ ଦେଶକୁ ଅଳିଆଗଦା ଭାବି ପଠେଇ ଦେଉଛନ୍ତି। ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କରେ ଅର୍ଥ, ଜ୍ଞାନକୌଶଳର ଅଭାବ ଯୋଗୁ ସେସବୁ ଅଳିଆ ହିସାବରେ ପଡ଼ି ରହୁଛି। ଚ଼କ୍ରୀୟ ଅର୍ଥନୀତି ବିଷୟରେ ଲୋକମାନଙ୍କର ଧାରଣା ନ ଥିବାରୁ ନିଜ ଦେଶର ଇ-ୱେଷ୍ଟ ସାଙ୍ଗକୁ ବିଦେଶରୁ ଅଧିକ ପରିମାଣରେ ଆସୁଥିବା ଇ-ୱେଷ୍ଟ ସେମାନଙ୍କ ପାଇଁ ବଡ଼ ସମସ୍ୟା ଓ ବିପଦ ରୂପେ ଉଭା ହୋଇଛି। ଜାତିସଂଘର ଗ୍ଲୋବାଲ ଇ - ୱେଷ୍ଟ ମନିଟର୍ ରିପୋର୍ଟ ଅନୁସାରେ ଆମେରିକା ଓ ଚ଼ୀନ୍ ପରେ ଭାରତ ପୃଥିବୀର ତୃତୀୟ ବୃହତମ ଇ - ୱେଷ୍ଟ ସୃଷ୍ଟିକାରୀ ଦେଶ। ଦେଶରେ ପ୍ରାୟ ୯୫ ଭାଗ ଇ-ୱେଷ୍ଟ ଅନୌପଚ଼ାରିକ ଓ ମାତ୍ର ପାଞ୍ଚ ଭାଗ ଔପଚ଼ାରିକ ଭାବରେ ପ୍ରକ୍ରିୟାକରଣ ହେଉଛି। ଅନୌପଚ଼ାରିକ କ୍ଷେତ୍ରରେ ଏହି ପ୍ରକ୍ରିୟାରେ ନିୟୋଜିତ ଲୋକଙ୍କର ଏହାର ନିର୍ମାଣ ବିଷୟରେ ଜ୍ଞାନ ଏବଂ ତାକୁ ଅଲଗା କରିବାର କୌଶଳ ନାହିଁ। ପଶିକ୍ଷଣ,ସଚେତନତା ଏବଂ ମାର୍ଗଦର୍ଶକ ଅଭାବରୁ ସେମାନେ ଠିକ୍ ଭାବରେ ରିସାଇକଲ୍ କରି ପାରୁନାହାନ୍ତି। ଏହା ଦ୍ୱାରା ଉଭୟ ମଣିଷ ଓ ପରିବେଶ ପାଇଁ ବିପଦ ଉପୁଜୁଛି। ହୃଦୟ, ଚ଼ର୍ମ, ଫୁସଫୁସ ଓ ବୃକ୍କଜନିତ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେଉଛି। ଇ-ୱେଷ୍ଟକୁ ପୁନଃପ୍ରକ୍ରିୟାକରଣ କରିବା ପାଇଁ ଭାରତ ପ୍ରଥମେ ୨୦୧୧ ମସିହାରେ ଏକ ନିୟମ ପ୍ରଣୟନ କରିଥିଲା। ୨୦୧୬ ମସିହାରେ ଆଉ ଏକ ନିୟମ ପ୍ରଣୟନ ହେଲା। ୨୦୨୨ ମସିହାରେ ପୂର୍ବନିୟମ ସ୍ଥାନରେ ଏକ ନୂତନ ନିୟମ ପ୍ରଣୟନ ହେଲା 'ଇଲେକ୍ଟ୍ରୋନିକ୍ ୱେଷ୍ଟ ମାନେଜମେଣ୍ଟ ରୁଲ୍ ?ସ୍, ୨୦୨୨। ୨୦୨୩ ମସିହା ଏପ୍ରିଲ୍ ପହିଲା ଠାରୁ ଏହା ଲାଗୁ ହୋଇଛି। ହେଲେ ନିୟମ ପ୍ରଣୟନ ଏବଂ ଉତ୍ପାଦନକାରୀ, ବିତରଣକାରୀ, ବିକ୍ରେତା ଓ କ୍ରେତାଙ୍କ ଦ୍ୱାରା ଏହାର ପରିପାଳନ ଭିତରେ ବିରାଟ ତାରତମ୍ୟ। ଅନେକ ଏହି ବର୍ଜ୍ୟ କେତେ ବିପଦପୂର୍ଣ୍ଣ ତାହା ଜାଣନ୍ତିନି। ଅନେକ ଜାଣିଥିଲେ ମଧ୍ୟ ତାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି।ଅନୌପଚ଼ାରିକ କ୍ଷେତ୍ରରୁ ଔପଚ଼ାରିକ କ୍ଷେତ୍ରକୁ ଏହି କାମକୁ ଅନ୍ତରିତ କରାଯାଇ ଚ଼କ୍ରୀୟ ଅର୍ଥନୀତିକୁ ଅଧିକ ପ୍ରୟୋଗାତ୍ମକ ଏବଂ ପ୍ରଭାବଶାଳୀ କରିବାର ଚେଷ୍ଟା କରାଯାଉଛି। ପ୍ରଦୂଷଣ ବୋର୍ଡ ଏହି ପ୍ରକ୍ରିୟାକୁ ଅନୁଧ୍ୟାନ କରିବେ। ବର୍ଜ୍ୟ ସଂଗ୍ରହର ତଦାରଖ ପାଇଁ ଦଳ ଗଠନ, ନୋଟିସ୍ ପ୍ରେରଣ, ଠିକ୍ ?ଭାବରେ ଚ଼କ୍ରୀକରଣ ନ ହେଉଥିଲେ ପୂରାପ୍ରଣାଳୀକୁ ବନ୍ଦ କରିବା, ସୁରକ୍ଷିତ ଚ଼କ୍ରୀକରଣ ନିଶ୍ଚିତ କରିବା ଏବଂ ଅନୌପଚ଼ାରିକ ପ୍ରକ୍ରିୟାକରଣକୁ ବନ୍ଦ କରିବା ପରି ବ୍ୟବସ୍ଥା ନିୟମରେ ରଖାଯାଇଛି। ଏହା ସହିତ ପୁନଃପ୍ରକ୍ରିୟାକରଣରେ ନିୟୋଜିତ ଲୋକଙ୍କର ସ୍ୱାସ୍ଥ୍ୟର ସୁରକ୍ଷାର ଦାୟିତ୍ୱ ନିର୍ମାତାମାନେ ନେବାର ପ୍ରବନ୍ଧନ ରହିଛି। ନିୟମ ପ୍ରଣୟନ ଓ ତାର ସଫଳରୂପାୟନ ଦୁଇଟି ଭିନ୍ନ କଥା। ତେଣୁ ନିୟମପାଳନ ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏହା ସହିତ ଚ଼କ୍ରୀକରଣ ବା ପୁନଃପ୍ରକ୍ରିୟାକରଣ ହେଲେ କେଉଁଠି କ'ଣ ଅସୁବିଧା ରହିଛି ଏବଂ ତାହା ଠିକ୍ ?ଭାବରେ ହେଉଛି ନା ନାହିଁ ଜଣା ପଡ଼ିବ। ନିର୍ମାତାମାନେ ପରିବେଶ ଓ ମନୁଷ୍ୟ ତଥା ଜୀବଜନ୍ତୁଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସେସବୁ ତିଆରି କରିବା ଉଚ଼ିତ। ପୁନଃପ୍ରକ୍ରିୟାକରଣ ପାଇଁ ପ୍ରଚୁରପାଣ୍ଠିର ଆବଶ୍ୟକତା ରହିଛି। ଉଭୟ ସରକାର ଓ ଘରୋଇକ୍ଷେତ୍ର ଏଥିପାଇଁ ପୁଞ୍ଜି ବିନିଯୋଗ କରିବା ପାଇଁ ଆଗେଇ ଆସିବା ଉଚ଼ିତ। ବିକଶିତ, ବିକାଶଶୀଳ ଏବଂ ଅନୁନ୍ନତ - ସବୁ ଦେଶ ପ୍ରଯୌଦ୍ୟୋଗିକ ସ୍ରୋତରେ ସାମିଲ ହେବା ଦ୍ୱାରା ଏହି ସମସ୍ୟା ଆଗକୁ ଆହୁରି ଭୟଙ୍କର ହେବାକୁ ଯାଉଛି ।ସବୁଠାରୁ ଗୁରତ୍ୱପୂର୍ଣ୍ଣ ହେଉଛି ଲୋକଙ୍କର ସଚେତନତା। ଲୋକମାନେ ଚ଼କ୍ରୀୟ ଅର୍ଥନୀତିକୁ ଜାଣି ତା'କୁ ଆପଣେଇବା ଉଚ଼ିତ। କମ୍ପାନୀମାନଙ୍କର ମନଲୋଭା ବିଜ୍ଞାପନରେ ଭାସି ନ ଯାଇ ନିହାତି ଦରକାର ନ ହେଲେ ଉପକରଣ ବଦଳେଇବାର ମୋହରୁ ନିବୃତ୍ତରହିବା ଉଚ଼ିତ। ଏହାର ସମାଧାନ ଏହା ସହିତ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସହଯୋଗ ଓ ସହଭାଗିତା ଉପରେ ନିର୍ଭରଶୀଳ। ସବୁ ଉପରେ ରହିଛି ବସୁମାତା ପ୍ରତି ଆମର ସମ୍ବେଦନଶୀଳତା ଏବଂ ଆଗାମୀ ବଂଶଧରଙ୍କ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ

*ଭୁବନେଶ୍ୱର*
*ଦୂରଭାଷ - ୮୨୪୯୭୦୫୪୨୧*

# ବୈକୁଣ୍ଠ ସମାନ ଆହା ଅଟେ ସେହି ଘର

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର"– ଭକ୍ତକବି ମଧୁସୂଦନ ରାଓଙ୍କର ଏହି ଅମୃତମୟ ପଂକ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ସତରେ ଘର ହିଁ ସ୍ୱର୍ଗ - ଏହି ପ୍ରାଚୀନ ଲୋକମୁଖର କଥାଟି ବାସ୍ତବିକ ବିଲକ୍ଷଣ । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ - ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର । ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ସୁଖ-ଦୁଃଖ, ଝଡ଼-ଝଞ୍ଜା, ବିଶ୍ୱାସ-ଅବିଶ୍ୱାସ ଭିତରେ ଆଜି ଭାରତୀୟ ପାରିବାରିକ ବ୍ୟବସ୍ଥା ତଥାପି ଅତୁଟ ରଖିଛି ନିଜର ମୂଲ୍ୟବୋଧ ଓ ଗାରିମାକୁ । ପାଶ୍ଚାତ୍ୟ ସଂସ୍କୃତିର ମାୟାରେ ଯଦିଓ କିଛିକାଂଶରେ ଏକାନ୍ନବର୍ତ୍ତୀ ଅବସ୍ଥାକୁ ଆସିଛି ବୋଲି ସମାଜ ବିଜ୍ଞାନୀ ଅଭିଯୋଗ କରନ୍ତି ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ । ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ । ଘର ହିଁ ଦେବତାଙ୍କ ନିବାସ ଦେବାଳୟ । ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ । ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି । ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ । କଥାରେ ଅଛି - 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି ।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ ।

ଆଜିର ବସ୍ତୁ ସର୍ବସ୍ୱ ସମୟରେ ପରିବାରର ଚିତ୍ର ବଦଳି ଯାଉଛି । ବ୍ୟସ୍ତବହୁଳ କର୍ମଦାୟିତ୍ୱର ବୋଝ ଭିତରେ ସମସ୍ତେ ପେଶି ହୋଇଯାଉଛନ୍ତି । ପରିବାର ସହ କିଛି ମୁହୂର୍ତ୍ତ ବାଣ୍ଟିବା ପାଇଁ କାହା ପାଖରେ ବି ଆଉ ସମୟ ନାହିଁ । ପିଲାଟିଏ ହେଉ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବା ଗୁରୁଜନ ସମସ୍ତଙ୍କ ସହ ସମୟ ବାଣ୍ଟିବାର ଯେଉଁ ଅନାବିଳ ମମତା ତାହା କ'ଣ କେଉଁଠି କେଉଁ ମୂଲ୍ୟରେ ବି ମିଳିପାରିବ ? ସହର ଠାରୁ ଗାଁ ସବୁଠି ଆଜି ପରିବାର ଖାଁ ଖାଁ, ଯେଉଁ ପରିବାରର ଅଗଣାରେ ଦିନ ଥିଲା ଫାଟି ପଡୁଥିଲା ଖୁସିର ଜୁଆର, ଆନନ୍ଦର ଢ଼େଉ ସେଠି ଆଜି ନିସ୍ତବ୍ଧ ନିର୍ଜନତା । ପିଲାମାନେ ବଡ଼ ହେଉଛନ୍ତି, ସେମାନଙ୍କ ପାଠସାଠ ଆଉ ଚାକିରି ସବୁକିଛି ବାହାରେ ହେଲେ ସମସ୍ତେ ଭୁଲି ଯାଉଛନ୍ତି ପରିବାରକୁ । ସହରରେ ବି ପରିବାର ଅଛି କିନ୍ତୁ ସେ ପରିବାର ଭିତରେ କେତେ ରହିଛି ଆନନ୍ଦ, କେତେ ରହିଛି ଖୁସି ଆଉ ସୁଖର ଖୋଲା ମୁହୂର୍ତ୍ତ ସବୁକୁ ? ସୂଚନା ପ୍ରଯୁକ୍ତିର କ୍ରାନ୍ତୀ ସମସ୍ତଙ୍କୁ ଯୋଡ଼ି ଦେଇଛି କମ୍ପ୍ୟୁଟର, ଲାପ୍‌ଟପ୍ ଆଉ ମୋବାଇଲର ମାୟା ଭିତରେ । କିନ୍ତୁ ଏହା ଭିତରେ ଲୁଚି ରହିଛି ପରିବାରକୁ ଖୋଜୁଥିବା ଲୋଡୁଥିବା କିଛି ମଣିଷମାନେ । ବର୍ତ୍ତମାନର ସମାଜ ଓ ପରିବର୍ତ୍ତିତ ସମୟର ସୁଅକୁ ଦେଖିଲେ ଲାଗୁଛି ପରିବାର ସବୁ ଭାଙ୍ଗିଯାଉଛି । ଦିନ ଥିଲା ସର୍ବବୃହତ୍ ଯୌଥ ପରିବାରକୁ ନେଇ ଲୋକମାନେ ଗର୍ବିତ ଅନୁଭବ କରୁଥିଲେ । ବର୍ତ୍ତମାନ ବି ଅନେକ ସ୍ଥାନରେ ଯୌଥ ପରିବାର ରହିଛନ୍ତି ଯେଉଁଠି ପଚାଶ ଷାଠିଏରୁ ଅଧିକ ସଦସ୍ୟ ଗୋଟିଏ ଛାତ ତଳେ, ଗୋଟିଏ ହାଣ୍ଡିରେ ବି ଖାଉଛନ୍ତି । କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ବରଜୁ ପ୍ରଧାନଙ୍କ କଥା ଅନୁଯାୟୀ ବିଲରେ ହିଡ଼ ପଡ଼ିନାହିଁ କି ଘରେ ପାଚେରୀ ଉଠି ନାହିଁ । ଆଉ ଏହା ହିଁ ହେଉଛି ଯୌଥ ପରିବାରର ସବୁଠାରୁ ବଡ଼ ଶ୍ରଦ୍ଧାଶୀଳ ଲକ୍ଷଣ । ତଥାପି କିଛି ଏକାର୍ଣ୍ଣବତୀ ଛୋଟ ଛୋଟ ପରିବାର ରହିଛି । ସମାଜ ବିଜ୍ଞାନର ଭାଷା ପରିବାରର ସଂଜ୍ଞା ଓ ଧାରାକୁ ବଦଳାଇ ଦେଇଛି । ଘର ହିଁ ସ୍ୱର୍ଗ । ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ । ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ । ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ । ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ । ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ । ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି । ଆଜି ବିଶ୍ୱ ପରିବାର ଦିବସ ଅବସରରେ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା ।

*ସହପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*




# ଆଇନର ବ୍ୟବସ୍ଥା ଓ ବ୍ୟବଚ୍ଛେଦ ରିପୋର୍ଟ ପାଇଁ ଚାରିବର୍ଷ !

**ଯେ**ଉଁ ଦିନ ଶବ ବ୍ୟବଚ୍ଛେଦ ହେବ, ସେହିଦିନ ହିଁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା କଥା। କିନ୍ତୁ କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବାକୁ ଚାରିବର୍ଷ ଲାଗି ଯାଉଛି। ଭେସେରା ଓ ଡାଏଟମ ରିପୋର୍ଟ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିକୁ ଆସିବାରେ ବି ସମାନ ସ୍ଥିତି। ବଡ଼ ଡାକ୍ତରଖାନାରେ ୨୦୧୯ରୁ ଆଜି ସୁଦ୍ଧା ମୋଟ ୫୮୪ଟି ଶବର ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ବ୍ୟବଚ୍ଛେଦ ଦିନ ମିଳିବା ବଦଳରେ ଏମିତି ବର୍ଷ ବର୍ଷ ଧରି ପଡ଼ି ରହିବା ଫଳରେ ଚାର୍ଜସିଟ ଦାଖଲ ତ ବିଳମ୍ବ ହେଉଛି, ଅପରାଧୀ ବି ସହଜରେ ଖସି ଯାଉଛନ୍ତି।

ଯେଉଁ ମୃତ୍ୟୁ ମାମଲାରେ କୌଣସି ପ୍ରକାର ଜଟିଳତା ନଥାଏ, ସେହି ମାମଲାରେ ଶବ ବ୍ୟବଚ୍ଛେଦ ରିପୋର୍ଟ କଟକ ବଡ଼ ଡାକ୍ତରଖାନାର ଏଫଏମଟି ବିଭାଗର ଡାକ୍ତର ସେହିଦିନ ହିଁ ଦେବା କଥା। ଯେଉଁ ମୃତ୍ୟୁରେ କୌଣସି ଜଟିଳତା ଥାଏ, ଯେଭଳି କି ପାଣିରୁ ଅଚିହ୍ନା ଶବ ଉଦ୍ଧାର ହୋଇଥିଲେ ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ଜାଣିବା ପାଇଁ ଭୁବନେଶ୍ୱର ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀକୁ ଡାଏଟମପରୀକ୍ଷା ପାଇଁ ଡାକ୍ତର ପଠାଇଥାନ୍ତି। ଡାଏଟମ ପରୀକ୍ଷାରେ ଶବର ପେଟରୁ ସଂଗ୍ରହ ହୋଇଥିବା ପାଣି ଓ ଉକ୍ତ ଜଳାଶୟର ପାଣିକୁ ମେଳ କରାଯାଏ। ସେହିଭଳି ରାସ୍ତା ପାର୍ଶ୍ୱରୁ କୌଣସି ବ୍ୟକ୍ତିଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଥିଲେ ବ୍ୟବଚ୍ଛେଦ ସହିତ ଲାବରେଟୋରୀକୁ ଭେସେରା ପରୀକ୍ଷା ପାଇଁ ପଠାଯାଏ। କୌଣସି ପ୍ରକାର ବିଷକ୍ରିୟା ସମ୍ପର୍କରେ ଏଥିରୁ ଜଣାପଡ଼ିଥାଏ। ଏବେ ଉଭୟ ବଡ଼ ଡାକ୍ତରଖାନା ଓ ରସୁଲଗଡ଼ ଫରେନସିକ ସାଇନ୍ସ ଲାବରେଟୋରୀ ପୁଲିସ ପାଇଁ ଅଡୁଆ ହେଲେଣି। ଅନେକ ଘଟଣାରେ ମୃତ୍ୟୁର କାରଣ ସ୍ପଷ୍ଟ ଥିବା ସତ୍ତ୍ୱେ କେବଳ ବ୍ୟବଚ୍ଛେଦ ରିପୋର୍ଟ ବଡ଼ ଡାକ୍ତରଖାନା ଦେବାକୁ ମାସ ମାସ ସମୟ ଲଗାଇ ଦେଉଛି।

ଡାଏଟମ କିମ୍ବା ଭେସେରା ପରୀକ୍ଷା ରିପୋର୍ଟ ଫରେନସିକ ଲାବରେଟୋରୀରୁ ଆସିବାକୁ ତ ଏକ ବର୍ଷ ଲାଗିଯାଉଛି। ଭେସେରା ନମୁନା ଲାବରେଟୋରୀରେ ମାସ ମାସ ପଡ଼ି ରହୁଥିବାରୁ ମାଂସ ପଚି ସଢ଼ି ଯାଉଥିବାବେଳେ ଶେଷରେ କୌଣସି ରିପୋର୍ଟ ଆଦୌ ଆସୁନାହିଁ। ଲାବରେଟୋରୀ ରିପୋର୍ଟ ଆସି ନଥିବା ଆଳରେ ଡାକ୍ତର ବ୍ୟବଚ୍ଛେଦ ରିପୋର୍ଟରେ ବି କୌଣସି ପ୍ରକାର ମତ ଦେଉନାହାନ୍ତି। ପୁଲିସ ତଥ୍ୟ ଅନୁଯାୟୀ ୨୦୧୯ରେ ୨୫୫୫ଟି, ୨୦୨୦ରେ ୨୩୧୧ଟି, ୨୦୨୧ରେ ୨୭୨୬ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୫୩୪ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେଥିରୁ ୨୦୧୯ରେ ୫ଟି ମାମଲାର ବ୍ୟବଚ୍ଛେଦ ରିପୋର୍ଟ ଏ ଯାଏ ମଙ୍ଗଳାବାଗ ଥାନା ପୁଲିସର ହସ୍ତଗତ ହୋଇନାହିଁ। ସେହିଭଳି ୨୦୨୦ର ୫ଟି , ୨୦୨୧ର ୧୬୭ଟି ଏବଂ ୨୦୨୨ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୪୦୭ଟି ରିପୋର୍ଟ ଏଯାଏ ହସ୍ତଗତ ହୋଇନାହିଁ। ମୋଟ ୫୮୪ ମାମଲାରେ ରିପୋର୍ଟ ଗଲା ୪ ବର୍ଷ ଭିତରେ ପୁଲିସର ହସ୍ତଗତ ହୋଇନାହିଁ।

ଶବ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ନିୟମ ପୁରା ସ୍ପଷ୍ଟ। ଯେଉଁଦିନ ଡାକ୍ତରଖାନାକୁ ପୁଲିସ ଶବ ନେଇ ଯାଉଛି, ସେହିଦିନ ବ୍ୟବଚ୍ଛେଦ କରି ରିପୋର୍ଟ ସମ୍ପୃକ୍ତ ପୁଲିସଙ୍କୁ ଡାକ୍ତର ଦେବାକଥା। ବ୍ୟବଚ୍ଛେଦ ରିପୋର୍ଟରେ ଥିବା କନକ୍ଲୁଜନରେ ଡାକ୍ତର ସର୍ବାଧିକ ୭ରୁ ୮ ଧାଡ଼ି ଲେଖିବାକୁ ପଡ଼େ। କିନ୍ତୁ ଡାକ୍ତରଙ୍କ ଢ଼ିଲାପଣ ଯୋଗୁଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ବିଳମ୍ବ ହେଉଛି। ଭେସେରା କିମ୍ବା ଡାଏଟମ ପରୀକ୍ଷା ରିପୋର୍ଟ ଫରେନସିକ ସାଇନ୍ସ ଲାବରେଟୋରୀରୁ ସର୍ବାଧିକ ୧୫ ଦିନ ଭିତରେ ହୋଇଯିବା କଥା। କିନ୍ତୁ ସେଠି ରିପୋର୍ଟ ୮ ମାସରୁ ଅଧିକ କାଳ ପଡ଼ି ରହୁଛି।

ବ୍ୟବଚ୍ଛେଦ ରିପୋର୍ଟ ବିଳମ୍ବରେ ଆସୁଥିବାରୁ ମାମଲାର ତଦନ୍ତ ବିଳମ୍ବ ସହିତ କୋର୍ଟରେ ଶୁଣାଣି ପ୍ରକ୍ରିୟାରେ ବି ବିଳମ୍ବ ହେଉଛି। ଅନେକ ମାମଲାରେ ପ୍ରାଥମିକ ଭାବେ ଅପମୃତ୍ୟୁ ମାମଲା ପୁଲିସ ରୁଜୁ କରିଥାଏ। କିନ୍ତୁ ପରେ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଏହା ହତ୍ୟା ମାମଲାକୁ ବଦଳିଯାଏ। ବ୍ୟବଚ୍ଛେଦ ରିପୋର୍ଟ ତୁରନ୍ତ ନ ଆସିଲେ ହତ୍ୟା ମାମଲାର ଅନେକ ପ୍ରମାଣ ନଷ୍ଟ ହୋଇଯାଇଥାଏ।

# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଅଭିନବ ପ୍ରୟାସ



କେନ୍ଦ୍ରାପଡ଼ା (ପିଏନ୍): ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସୌଜନ୍ୟରେ ଗତ ଫେବୃୟାରୀ ମାସ ୨ୟ ରବିବାରଠାରୁ ପ୍ରତ୍ୟେକ ରବିବାର ଆଖପାଖ ବିଦ୍ୟାଳୟର ଦଶମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚଳିତ ୨୦୨୨ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ସହ ସଫଳ ହେବା ପାଇଁ ବରିଷ୍ଠ, ଅଭିଜ୍ଞ ତଥା ପ୍ରବୀଣ ଶିକ୍ଷକମାନଙ୍କୁ ନେଇ ଶିକ୍ଷାଦାନ କରାଯାଇଆସୁଛି। ଭୁବନେଶ୍ୱର ପାହାଲସ୍ଥିତ କ୍ୟାରିୟର ଫୋକସ ଏଜୁକେଶନାଲ ଗ୍ରୁପର ପ୍ରତିଭାସମ୍ପନ୍ନ ପ୍ରବୀଣ ଶିକ୍ଷକ ମଣ୍ଡଳୀମାନଙ୍କ ଦ୍ୱାରା ଶିକ୍ଷାଦାନ ଅତି ଉଚ୍ଚକୋଟୀର ଓ ଆକର୍ଷଣୀୟ ଥିଲା। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଇଂରାଜୀ ଓ ଗଣିତ ଇତ୍ୟାଦି ବିଷୟରେ ଖେଳକୁଦ ମାଧ୍ୟମରେ ଶେଷଦେବ ପ୍ରଧାନ, ସୁରେଶ କୁମାର ସିଂ, ପ୍ରସାଦ ରଞ୍ଜନ ପାତ୍ର ଓ ସୁଦର୍ଶନ ମହାପାତ୍ର ପ୍ରମୁଖ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ପ୍ରଣବ କୁମାର ଜେନା ଆଗନ୍ତୁକ ଶିକ୍ଷକମଣ୍ଡଳୀ ଓ ୨୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଏକଶହରୁ ଉର୍ଦ୍ଧ୍ୱ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଜୁକେଶନାଲ ଗ୍ରୁପର ରାକେଶ ସିଂ, ହୃଷିକେଶ ସାହୁ, କ୍ଷୀରାବ୍ଧି ପଟ୍ଟନାୟକଙ୍କ ସମେତ ପୁରାତନ ଛାତ୍ର ସଂସଦର ଉପ ସଭାପତି ଶିକ୍ଷାବିତ ପ୍ରଫୁଲ୍ଲ କୁମାର ଜେନା, ଦେବେନ୍ଦ୍ର କୁମାର ରାଉତ, ତ୍ରିଲୋଚନ ଜେନା, ସୁବାସ ଚନ୍ଦ୍ର ମଜୁମଦାର, ଚିରରଞ୍ଜନ ରାଉତ, ମୁରଲୀଧର ବିଶ୍ୱାଳ, ଅନାଦି ଚରଣ ଦାସ, ବିଜୟ କୁମାର ସାହାଣୀ, ଶଶିଭୂଷଣ ପଣ୍ଡା, ପ୍ରଦୀପରଞ୍ଜନ ବୋଷ, ପର୍ଶୁରାମ ସ୍ୱାଇଁ, ସମାଜସେବୀ ବେଣୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ଦୁପୁର ହାଇସ୍କୁଲର ଛାତ୍ରୀ ସାଇକ୍ରୀଷ୍ଟା ଜେନା, କେନ୍ଦ୍ରାପଡା ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ର ମହେଶ ଭୂୟାଁ ଶିକ୍ଷାଦାନ ଶେଷରେ ଶିକ୍ଷକମଣ୍ଡଳୀମାନଙ୍କୁ କୃତଜ୍ଞତା ଜଣାଇବା ସହ ଆଜିର ମନମୁଗ୍ଧକର ଶିକ୍ଷାଦାନ ଆମ୍ଭମାନଙ୍କ ପାଇଁ ପରୀକ୍ଷାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧି ପାଉଛି ସିଆରପିସି-୪୧ ଉଲ୍ଲଂଘନ: ମାମଲା ବଢୁଛି; ସମୟ ବି ନଷ୍ଟ

**ସା**ତବର୍ଷରୁ କମ ଦଣ୍ଡ ଥିବା ମାମଲାର ଅଭିଯୁକ୍ତମାନଙ୍କୁ ସିଆରପିସି ୪୧ରେ ନୋଟିସ ଦେଇ ଛାଡ଼ିବାର ନିୟମ ରହିଛି। ହେଲେ ପୁଲିସ ନିଜ ଉପରୁ ଦୋଷ ଖସାଇବା ପାଇଁ ସିଆରପିସି ୪୧କୁ ମାନୁନି। ଏଭଳି ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ଏ ସମ୍ପର୍କିତ ମାମଲା ସଂଖ୍ୟା ବଢୁଥିବାରୁ ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ ହେଉଛି। ଅନେକ ସମୟରେ କୋର୍ଟ ମଧ୍ୟ ପୁଲିସ ଉପରେ ଅସନ୍ତୋଷ ପ୍ରକାଶ କରୁଥିବାରୁ ସିଆରପିସି-୪୧କୁ କଡ଼ାକଡ଼ି ପାଳନ କରିବା ପାଇଁ ଏସପି ଓ ଡିସିପିମାନଙ୍କୁ ନିକଟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କୋର୍ଟ ଅବମାନନା ମାମଲାରେ ଦିଲ୍ଲୀ ହାଇକୋର୍ଟ ଜଣେ ପୁଲିସ ଅଫିସରଙ୍କୁ ଗୋଟିଏ ଦିନରେ ସଜା ସହ ୨ ହଜାର ଟଙ୍କା ଜରିମାନା ଦେବାକୁ କହିଥିଲେ। ଏକ ଅପରାଧରେ ସଜା ୭ ବର୍ଷରୁ କମ ଥିଲା। ହେଲେ ଦିଲ୍ଲୀ ପୁଲିସ ତାଙ୍କୁ ଗିରଫ କରି ୪୧ ସିଆରପିସିରେ ନୋଟିସ ଦେଇ ଛାଡ଼ିବା ବଦଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାକୁ ବିରୋଧ କରି ସମ୍ପୃକ୍ତ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ କୋର୍ଟ ମାମଲାର ବିଚାର କରି ଗିରଫ କରିଥିବା ପୁଲିସ ଅଫିସରଙ୍କୁ ଗୋଟିଏ ଦିନର ସଜା ଶୁଣାଇଥିଲେ। ତେଣୁ ଯଦି ଏଭଳି ଭୁଲ କଲେ ଆଇନ ଅନୁସାରେ ଦଣ୍ଡିତ ହେବାର ଆଶଙ୍କା ଥିବା କ୍ରାଇମବ୍ରାଞ୍ଚ ପୁଲିସ କର୍ମଚାରୀଙ୍କୁ ଚେତେଇ ଦେଇଛି।

ଜାନୁଆରୀ ମାସର ତଥ୍ୟ ଅନୁସାରେ ସାତ ବର୍ଷରୁ କମ ଦଣ୍ଡ ଥିବା ମାମଲାରେ ରାଜ୍ୟରେ ୨ହଜାର ୪୭୪ ଜଣ ଗିରଫ ହୋଇଥିବାବେଳେ ୯ହଜାର ୯୮୪ ଜଣଙ୍କୁ ନୋଟିସ ଦେଇ ଛଡ଼ା ଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଗିରଫ ହୋଇଥିବାବେଳେ ୯୨୦ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୨୪ ଜଣ ଗିରଫ ହୋଇଥିବାବେଳେ ୩୪୧ ଜଣଙ୍କୁ ଛଡ଼ା ଯାଇଛି। ସେହିପରି ଯାଜପୁର ଜିଲ୍ଲାରେ ୮୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮୫ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଜଗତସିଂହପୁର ଜିଲ୍ଲାରେ ୯୪ଜଣ ଗିରଫ ହୋଇଥିବାବେଳେ ୯୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କେନ୍ଦ୍ରାପଡ଼ାରେ ୫୦ଜଣ ଗିରଫ ହୋଇଥିବାବେଳେ ୩୨ ଜଣଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଖୋର୍ଦ୍ଧାରେ ୧୦୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୫୯ ଜଣଙ୍କୁ ନେଟି ଦେଇ ଛଡ଼ାଯାଇଛି। ପୁରୀରେ ୧୫୨ ଜଣଙ୍କୁ ଗିରଫ ହୋଇଥିବାବେଳେ ୪୩୬ ନୋଟିସ ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ୮୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୪୬୫ ଜଣଙ୍କୁ ନୋଟିସ ଦେଇ ଛାଡ଼ିଛି ପୁଲିସ। ବାଲେଶ୍ୱରରେ ୧୨୯ ଗିରଫ ହୋଇଥିବାବେଳେ ୪୨୫ଙ୍କୁ ଛଡ଼ା ଯାଇଛି। ମୟୂରଭଞ୍ଜରେ ୧୦୫ ଗିରଫ ହୋଇଥିବାବେଳେ ୬୨୧ ଜଣଙ୍କୁ ଛଡ଼ାଯାଇଛି। ସୁନ୍ଦରଗଡ଼ରେ ୧୦୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ସିଆରପିସି ୪୧ରେ ୨୩୯ ଜଣଙ୍କୁ ଛଡ଼ାଯାଇଛି। ରାଉରକେଲାରେ ୬୦ ଗିରଫ ହୋଇଥିବା ବେଳେ ୨୬୨ ଜଣଙ୍କୁ ନୋଟିସ ଦିଆଯାଇଛି। ରାଜଧାନୀରେ ୨୩୩ଜଣ ଗିରଫ ହୋଇଥିବାବେଳେ ୨୧୯ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଟକରେ ୧୪୪ ଜଣ ଗିରଫ ହୋଇଥିବାବେଳେ ୩୩୯ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। କଳାହାଣ୍ଡିରେ ୨୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ୫୦୧ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ଢେଙ୍କାନାଳରେ ୭୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୧୦ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ସେହିଭଳି ଅନୁଗୁଳରେ ୧୪୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୩୫୫ଙ୍କୁ ନୋଟିସ ଦିଆଯାଇ ଛଡ଼ାଯାଇଛି। ଏନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ମଧ୍ୟ ଥାନା କର୍ମଚାରୀଙ୍କୁ ସଚେତନ କରିବା ପାଇଁ ନୋଟିସ ହୋଇଥିଲା। ଏହାକୁ ପୁଣି ଥରେ କରାଯାଇଛି। ସିଆପିସି ସଂକ୍ରାନ୍ତ ମାମଲା ଦିନକୁ ଦିନକ ବଢୁଥିଲାବେଳେ ନ୍ୟାୟ ଉପରେ ମଧ୍ୟ ଏନେଇ ଏକ ପ୍ରକାର ବୋଝ ବୃଦ୍ଧି ପାଉଛି ତେଣୁ ଏ କ୍ଷେତ୍ରରେ ସଚେତନତା ବଢୁ ଓ ଲୋକମାନେ ନ୍ୟାୟ ପାଆନ୍ତୁ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ବହିର ସଂରକ୍ଷଣ ସହ ପଠନ ଲୋଡ଼ା, ପାଠକମାନଙ୍କୁ ବହିମନସ୍କ କରିବାର ଅଭିଯାନ ଆରଂଭ ହେଉ

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ବହିର ଆଦର କମି ଯାଉଥିବାବେଳେ ଲୋକମାନଙ୍କୁ ବହିମନସ୍କ କରିବା ପାଇଁ ଆରଂଭ ହୋଇଛି ମନୋରଞ୍ଜନ ମିଶନ ପାଠାଗାର। ବଣିଆଟାଙ୍ଗୀ ରୋହିଣୀ ଭିଲ୍ଲାରେ ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ଦାସଙ୍କ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରକୁ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଂଚଳର ପାଠକମାନଙ୍କ ପଠନ ପିପାସା ପାଇଁ ଏହି ପାଠାଗାର ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାଳ୍ପିକ ସୁନୀଲ ବୋଷ, ଡା. ରାସବିହାରୀ ପତି, ଓଡ଼ିଆ ଜାତୀୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ଦାଶ, ସାଧାରଣ ସଂପାଦକ ନିରାକାର ବେଉରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ କୁମାର ଜେନା, ପ୍ରଭାତନଳିନୀ ପତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ପାଇଁ ବହିର ସଂରକ୍ଷଣ ସହ ପଠନ ଆବଶ୍ୟକ ବୋଲି ମତ ଦେଇଥିଲେ। ବିଶ୍ୱାତ୍ମା ପ୍ରକାଶନୀ ପକ୍ଷରୁ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ପାଠାଗାରକୁ କିଛି ପୁସ୍ତକ ଦାନ କରି ଇଂରାଜୀମାଧ୍ୟମ ପିଲାମାନଙ୍କୁ ବହିମନସ୍କ କରିବା ପାଇଁ ଉଦ୍ୟମ ହେଉ ବୋଲି ମତ ଦେଇଥିଲେ। ମନୋରଞ୍ଜନ ମିଶନ ଟ୍ରଷ୍ଟ ପକ୍ଷରୁ ଏହି ପାଠାଗାର ପରିଚାଳିତ ହେଉଥିବାବେଳେ ସଂପ୍ରତି ଏଠାରେ ୫ହଜାରରୁ ଉର୍ଦ୍ଧ୍ୱ ବହି ଥିବାବେଳେ ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରତିଷ୍ଠାତା ମନୋରଞ୍ଜନ ଦାସ ମତ ଦେଇଥିଲେ। ଆଲ୍ପନା ମହାନ୍ତି ଓ ଇନ୍ଦିରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତୀକ୍ଷା-୨ ଶିବିରର ଉଦ୍‌ଯାପନ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୧ତାରିଖରୁ ଆରମ୍ଭ ହୋଇଥିବା ପ୍ରତୀକ୍ଷା-୨ ଶିବିର ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପନ ହୋଇଯାଇଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସ୍କାଉଟ୍‌ର ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଉତ୍ସବରେ ଅଧକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତ୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ସମ୍ମାନୀତ ଅତିଥି ଭାବରେ ମାଧ୍ୟମିକ ବୋର୍ଡ ଉପସଭାପତି ଶ୍ରୀ ନିହାର ରଂଜନ ମହାନ୍ତି ଏବଂ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବୃନ୍ଦାବନ ଶତପଥୀ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୫୧୩ଜଣ ସ୍କାଉଟ୍, ଗାଇଡ୍, ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍ ଯୋଗ ଦେଇ ଶିବିରର ବିଭିନ୍ନ ଦିବସରେ



ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଶାରୀରିକ କ୍ରୀଡ଼ା କୌଶଳ, ସାମରିକ କ୍ରୀଡ଼ା, କଲରପାର୍ଟି, ଦଳଗତ ନୃତ୍ୟ, ବକ୍ତୃତା, ଫୁଡ଼ଭିଲ୍ଲା, ର୍ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି, କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ବିଭିନ୍ନ ଅତିଥିମାନେ ଆସି ଯୋଗଦାନ କରି ପିଲାମାନଙ୍କୁ ବିଭିନ୍ନ ପ୍ରକାର ସଦ୍ ଉପଦେଶ ପ୍ରଦାନ କରିଥିଲେ। ଅପରାହ୍ଣ ୪ଟା ସମୟରେ ମାନସିକ ସ୍ନାୟୁ ରୋଗ ବିଶେଷଜ୍ଞ ଡଃ ପ୍ରଣବ ମହାପାତ୍ର ଯୋଗଦାନ କରି ପିଲାମାନଙ୍କର ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତରେ ଭଲ ନାଗରିକ ହେବା ସେ ବିଷୟରେ ଆଲୋକପାତ କରିଥିଲେ। ଅତିଥିମାନେ ବିଭିନ୍ନ ଜିଲ୍ଲା ଦ୍ୱାରା ଆୟୋଜିତ "ଗ୍ରାମ୍ୟ ବଜାର"ରେ ବୁଲି କିଣାକିଣି କରିବା ସହିତ ବିଭିନ୍ନ ସ୍ୱାଦର ଖାଦ୍ୟପଦାର୍ଥକୁ ଉପଭୋଗ କରିଥିଲେ। ରାଜ୍ୟ ଗାଇଡ୍ ସଂଗଠିକା ତଥା ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନାମିକା ଦାସଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକ, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।




# ମୋଦିଙ୍କ ଭାଷାରେ ଲହର ନୁହେଁ ଜହର ଅଛି: ଜୟରାମ

ଭୁବନେଶ୍ୱର,(ପି.ଏନ): 'ଦକ୍ଷିଣ ଭାରତରେ ବିଜେପି ସାଫ୍। ପୂର୍ବ, ପଶ୍ଚିମ ଓ ଉତର ଭାରତରେ ବିଜେପି ହାଫ୍।' ବର୍ତ୍ତମାନ ସୁଧା ଦେଶରେ ୩୭୯ ଲୋକସଭା ଆସନରେ ନିର୍ବାଚନ ଶେଷ ହୋଇଥିବାବେଳେ ଜନବିରୋଧୀ ମୋଦି ସରକାର ବିରୋଧରେ ଏଭଳି ସୂଚନା ଆସୁଛି। ଖାଲି ସେତିକି ନୁହେଁ, ଇଣ୍ଡିଆ ମେଂଟକୁ ସ୍ପଷ୍ଟ ଓ ନିର୍ଣ୍ଣାୟକ ବହୁମତ ମିଳିବ। ଏହା ଆପଣମାନେ ୪ ଜୁନରେ ଜାଣିବାକୁ ପାଇବେ। ନରେନ୍ଦ୍ର ମୋଦି ଏବେ ଆଉଟ୍ ଗୋଇଙ୍ଗ୍ ପ୍ରଧାନମନ୍ତ୍ରୀ। କାରଣ ଗତ ୧୦ବର୍ଷରେ ଆମ ଦେଶର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯେଭଳି ହୋଇଛି, ସେଥିପ୍ରତି ଜନସାଧାରଣ ଅତିଷ୍ଠ ହୋଇପଡିଛନ୍ତି। ଦେଶର ପ୍ରତ୍ୟେକ ରାଜ୍ୟରେ ତୃଣମୂଳସ୍ତରରେ କୃଷକ, ଯୁବବର୍ଗ ଓ ମହିଳାମାନଙ୍କ ମଧ୍ୟରେ ମୋଦି ସରକାର ବିରୋଧରେ ଲହର ସୃଷ୍ଟି ହୋଇଛି। ତେଣୁ ବର୍ତ୍ତମାନ ମୋଦିଙ୍କ ଭାଷାରେ ଲହର ନୁହେଁ, ଜହର ଖେଳୁଛି। ସେହିପରି ଓଡ଼ିଶାରେ ବିଜେଡି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏଠାରେ ବିଜେଡି ଓ ବିଜେପି ମେଂଟ ବନାମ କଂଗ୍ରେସ ଲଢ଼େଇ ହେଉଛି। ତେଣୁ ଏହି ଜନବିରୋଧୀ ଅଘୋଷିତ ମେଂଟ ବିରୋଧରେ ଓଡ଼ିଶାବାସୀଙ୍କ ଆଗରେ ମାତ୍ର ଗୋଟିଏ ବିକଳ୍ପ ରହିଛି। ତାହା ହେଲା କଂଗ୍ରେସ। ଆଉ କଂଗ୍ରେସ ସର୍ବଦା ସାଧାରଣ ଜନତାଙ୍କ ସହିତ ରହିଆସିଛି ବୋଲି ରାଜ୍ୟସଭା ସାଂସଦ ତଥା ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।ଓଡ଼ିଶା ଗସ୍ତ ଅବସରରେ ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରମେଶ କହିଲେ ଯେ, ବର୍ତ୍ତମାନ କେବଳ ନିର୍ବାଚନ ପାଇଁ ବିଜେଡି ଓ ବିଜେପି ଓଡ଼ିଆ ଭାଷା ଓ ଅସ୍ମିତାର କଥା କହୁଛନ୍ତି। ବାସ୍ତବରେ ଓଡ଼ିଆ ଭାଷା ଓ ଅସ୍ମିତା ପାଇଁ ସେମାନଙ୍କର କୌଣସି ଆଂରିକତା ନାହିଁ। ସଂସଦରେ ଓଡ଼ିଆ ଭାଷାକୁ ନେଇ ୨୦୨୦ ମାର୍ଚ୍ଚ ୧୬ରେ ମୁଁ ପ୍ରସଙ୍ଗ ଉଠାଇଥିଲି। ମୋଦି ସରକାରଙ୍କ କାର୍ଯ୍ୟକାଳରେ ସଂସ୍କୃତ ଭାଷା ପାଇଁ ୬,୫୦୦ କୋଟି ଟଙ୍କା ଦିଆଯାଇଥିବା ବେଳେ ଓଡ଼ିଆ ଭାଷା ପାଇଁ ଟଙ୍କାଟିଏ ମଧ୍ୟ ଦିଆଯାଇନାହିଁ। କିନ୍ତୁ ମନମୋହନ ସିଂହଜୀଙ୍କ ସମୟରେ ୬ଟି ଭାଷା ସଂସ୍କୃତ, ତାମିଲ, ମାଲାୟଲମ, କନ୍ନଡ, ତେଲୁଗୁ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିଆଯାଇଥିଲା। ୨୦୧୪ ଫେବୃଆରୀ ୨୦ରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବାବେଳେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା। ମାତ୍ର ଏହା ପରେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଆ ଭାଷାକୁ କୌଣସି ପ୍ରୋତ୍ସାହନ ଦିଆଗଲା ନାହିଁ। ଆଶ୍ଚର୍ଯ୍ୟର କଥା ଓଡ଼ିଶାରୁ ନିର୍ବାଚିତ ହୋଇଯାଇଥିବା ସାଂସଦମାନେ ମଧ୍ୟ ଏ ପ୍ରସଙ୍ଗ ଉଠାଇଲେ ନାହିଁ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରଚାରରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଓ ବିଜେଡି ବିରୋଧରେ ଲୋକ ଦେଖାଣିଆ ଭାଷଣ ଦେଉଛନ୍ତି। ବିଜେଡି ନେତାମାନେ ମଧ୍ୟ ପ୍ରଚାର ମଇଦାନରେ ବିଜେପିକୁ ସମାଲୋଚନା କରୁଛନ୍ତି। ତେବେ ଏସବୁ କେବଳ ଓଡ଼ିଶାବାସୀଙ୍କୁ ଭଣ୍ଡାଇବା ପାଇଁ ଚାଲିଛି। ଯଦି ମୋଦି ସରକାରଙ୍କର ବିଜେଡି ସହିତ ବୁଝାମଣା ନାହିଁ, ତେବେ ଓଡ଼ିଶାରେ ହୋଇଥିବା ସବୁଠାରୁ ବଡ଼ ଖଣି ଦୁର୍ନୀତି ଓ ଚିଟ୍‌ଫଣ୍ଡ୍ ଦୁର୍ନୀତିର ସିବିଆଇ ତଦନ୍ତକୁ କାହିଁକି ଚାପି ଦିଆଯାଇଛି ବୋଲି ଶ୍ରୀ ରମେଶ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ସଂସଦରେ ସବୁବେଳେ ବିଜେଡି ବିଜେପିକୁ ସମର୍ଥନ ଦେଇଆସିଛି। ଗତ ୧୦ବର୍ଷ ମଧ୍ୟରେ ସଂସଦରେ ଆଦିବାସୀ, କୃଷକ ଓ ସଂରକ୍ଷଣ ବିରୋଧରେ ଯେଉଁସବୁ ଆଇନ୍ ଆସିଛି, ସବୁଥିରେ ବିଜେଡି ସମର୍ଥନ ଦେଇଛି। ଏପରିକି ବିଜେପିର ଜଣେ ନେତାଙ୍କୁ ବିଜେଡି ରାଜ୍ୟସଭାକୁ ନିର୍ବାଚିତ କରିଛି। ତେଣୁ ବିଜେପି ଓ ବିଜେଡି ଅଲଗା ବୋଲି କହିବା ସମ୍ପୂର୍ଣ୍ଣ ଭୁଲ।

ସେହିପରି ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରି ଶ୍ରୀ ରମେଶ କହିଲେ ଯେ ଦେଶରେ ଏମିତି କେହି ମୁଖ୍ୟମନ୍ତ୍ରୀ ନାହାଁନ୍ତି, ଯିଏକି ଦୀର୍ଘ ୨୪ବର୍ଷ ମଧ୍ୟରେ ପଦଟିଏ ହେଲେ କହିନାହାଁନ୍ତି। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବା ଏ ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଶୁଭଙ୍କର ନୁହେଁ। ବାଜପେୟୀଙ୍କ ସମୟ ହେଉ କି ମୋଦିଙ୍କ ସମୟ ସବୁବେଳେ ବିଜେଡି ବିଜେପିକୁ ସମର୍ଥନ ଦେଇଛି। ଯେତେବେଳେ ସଂସଦରେ କୃଷକ ବିରୋଧୀ ଆଇନ, ଆଦିବାସୀ ବିରୋଧୀ ଆଇନ ଓ ଜମି ଅଧିକାର ବିରୋଧରେ ଆଇନ ଆସିଲା ସେତେବେଳେ ବିଜେଡି ସାଂସଦମାନେ କାହିଁକି ବିରୋଧ କଲେ ନାହିଁ? ସାମାଜିକ, ଆର୍ଥିକ ଜାତି ଜନଗଣନାକୁ ବିଜେଡି ସରକାର ସମର୍ଥନ କରିବେ କି ନାହିଁ ବୋଲି ଶ୍ରୀ ରମେଶ ପ୍ରଶ୍ନ କରିଛନ୍ତି। ବାବା ସାହେବ ଆମ୍ବେଦକର ଭାରତୀୟ ସମ୍ବିଧାନରେ ଦର୍ଶାଇଛନ୍ତି ଯେ ସାମାଜିକ ନ୍ୟାୟ ଆରକ୍ଷଣ ଆଧାରରେ ହିଁ ହୋଇଥାଏ। ଏହାକୁ କଂଗ୍ରେସ ସର୍ବଦା ଗୁରୁତ୍ୱ ଦେଇଆସିଛି।୧୯୯୨ରେ ସୁପ୍ରିମକୋର୍ଟ ଦଳିତ, ଆଦିବାସୀ ଓ ଓବିସି ବର୍ଗଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କଥା କହିଥିଲେ। କଂଗ୍ରେସ ଏହାର ଇସ୍ତାହାରରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛି। ଦେଶର ଏକମାତ୍ର ରାଜ୍ୟ ଭାବେ ତାମିଲନାଡୁ ୬୯ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛି। ହେଲେ ଓଡ଼ିଶାରେ ବିଜେଡି ସରକାର ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ଓ ପେସା ଆଇନକୁ ବନ୍ଦ କରିଦେଇଛନ୍ତି। ଆଦିବାସୀଙ୍କ ଜମି ହଡ଼ପ କରିବା ସହ ଖଣି, ପାଣି ଆଦି ପ୍ରାକୃତିକ ସମ୍ପଦକୁ ବିକ୍ରି କରିଦେଇଛନ୍ତି। ହେଲେ ଏହା ବିରୋଧରେ ସିବିଆଇ କିମ୍ବା ଇଡି ତଦନ୍ତ ହେଉନାହିଁ। ତେଣୁ ଓଡ଼ିଶାର ଆଦିବାସୀ, ଦଳିତ ଓ ପଛୁଆ ବର୍ଗ, ମହିଳା, ବେକାର ଯୁବକ ଯୁବତୀ ଓ ଗରିବ ଶ୍ରେଣୀର ଲୋକମାନେ ବିଜେଡି ସରକାରକୁ ଚଳିତ ନିର୍ବାଚନରେ ଉପଯୁକ୍ତ ଜବାବ ଦେବାକୁ ଶ୍ରୀ ରମେଶ ଆହ୍ୱାନ ଦେଇଛନ୍ତି।ଏହି ଅବସରରେ କଂଗ୍ରେସର ଇସ୍ତାହାର ସମ୍ପର୍କରେ ସୂଚନା ଦେଇ ସେ କହିଲେ ଯେ କଂଗ୍ରେସ ୫ ନ୍ୟାୟ ଓ ୨୫ ଗ୍ୟାରେଂଟିକୁ ନେଇ ନିର୍ବାଚନ ଲଢୁଛି। ଏହା ନାରୀ ନ୍ୟାୟ, କୃଷକ ନ୍ୟାୟ, ଯୁବା ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟ ଉପରେ ଆଧାରିତ। କଂଗ୍ରେସ କ୍ଷମତାକୁ ଆସିଲେ ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ପ୍ରଦାନ ସହ ସମସ୍ତ ସ୍ନାତକ ଡିଗ୍ରୀଧାରୀଙ୍କ ପ୍ରଥମ ନିଯୁକ୍ତି ପକ୍କା କରାଯିବ। ଏଥିସହ ବିଧାନସଭା କ୍ଷେତ୍ରରେ ମଧ୍ୟ କଂଗ୍ରେସ ସ୍ୱତନ୍ତ୍ର ଭାବେ ଅଲଗା ଇସ୍ତାହାର ପ୍ରସ୍ତୁତ କରିଛି। ତେଣୁ ଓଡ଼ିଶାବାସୀ ଉଭୟ ଲୋକସଭା ଓ ବିଧାନସଭା ଆସନରେ କଂଗ୍ରେସକୁ ବିଜୟୀ କରିବାକୁ ସେ ଅନୁରୋଧ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଂଜନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଡ. ରାମଚନ୍ଦ୍ର ଖୁଂଟିଆ, ଶିବାନନ୍ଦ ରାୟ, ଏଆଇସିସି ମିଡିଆ ସଂଯୋଜକ ପ୍ରଭାତ କୁମାର ଓ ରିତୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ପୂର୍ବ ତଟ ରେଳପଥ

ସାର୍ବଜନୀକ ନିଲାମ ବିକ୍ରୟ ବିଜ୍ଞପ୍ତି

ସଂଖ୍ୟା: C/SBP/Public Auction/Bauxite/ANB/24 ତାରିଖ: 06.05.2024

[illegible] 1989 ର ଧାରା 83 ଏବଂ 84 [illegible] 100 [illegible]

| ଅନୁକ୍ରମ ନଂ | ସାମଗ୍ରୀର ବିବରଣୀ | ନିଲାମର ସ୍ଥାନ | ସମୟ ସହିତ ନିଲାମର ତାରିଖ |
|---|---|---|---|
| 01 | ଅନୁଗୋଳ ରେଳ ଷ୍ଟେସନରେ ପ୍ରାୟ 100 ଟନ୍ ବକ୍ସାଇଟ୍ ଅଛି | ଅନୁଗୋଳ ରେଳ ଷ୍ଟେସନ [illegible] | 21.05.2024ରେ 1100 ଘଣ୍ଟା |

[illegible]

PR-114/P/24-25 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ସମ୍ବଲପୁର


## ଜୟପୁରରେ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ

କୋରାପୁଟ ଜିଲ୍ଲା ,(ପି.ଏନ):ଜୟପୁର ନିର୍ବାଚନ ମଣ୍ଡଳୀର ୨୩୮ ଗୋଟି ବୁଥରେ ୨୧୪୬୧୬ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି। ଏଥି ମଧ୍ୟରୁ ୧୦୩୯୯୮ ଜଣ ପୁରୁଷ, ୧୧୦୫୮୪ ଜଣ ମହିଳା ଏବଂ ୩୪ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୯ ଗୋଟି ସଖୀ ବୁଥ୍ ଓ ୪ ଟି ୟଙ୍ଗ୍ ବୁଥ୍ ସ୍ଥାପନ କରାଯାଇ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜୟପୁର ବିଧାୟକ ପ୍ରାର୍ଥୀ ମାନେ ମଧ୍ୟ ନିଜ ବୁଥ୍ କୁ ଯାଇ ନିଜର ମତଦାନ କରିବା ସହିତ ଜୟପୁର ଭୋଟର୍ସ ମାନଙ୍କୁ ଅଧିକରୁ ଅଧିକ ମତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଜୟପୁର ନିର୍ବାଚନ ମଣ୍ଡଳୀର କେତୋଟି ବୁଥ ରେ ଭୋଟିଂ ମେସିନର ଯାନ୍ତ୍ରିକ ତ୍ରୁଟି ହୋଇଥିବା କାରଣରୁ ମତଦାତା ମାନେ ନିଜର ମତ ସାବ୍ୟସ୍ତ କରିବାରେ ବିଳମ୍ବ ହୋଇଥିଲା।

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଳ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ। ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।


MAHARISHI PUBLIC SCHOOL



2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday May 15, 2024 | ଭୁବନେଶ୍ୱର ବୁଧବାର, ମଇ ୧୫,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍



ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ ଆଜି ପ୍ରକାଶ ପାଇଛି। ସମ୍ମାନଜନକ ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ ୨୦୨୪ରେ ସମଗ୍ର ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୧୬୮ ତମ ସ୍ଥାନରେ ରହିଥିବା ବେଳେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୧୧ତମ ସ୍ଥାନରେ ଅଛି। ସମଗ୍ର ଭାରତରୁ ୫୫ଟି ସରକାରୀ ଓ ଡିମ୍ଡ ବିଶ୍ୱବିଦ୍ୟାଳୟ ଏହି ର୍ୟାଙ୍କିଂରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ କିଟ୍ ୧୧ତମ ସ୍ଥାନରେ ରହିବା ସହ ଭାରତରେ ଥିବା ଡିମ୍ଡ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସମ୍ମାନଜନକ ସ୍ଥାନରେ ରହି କିଟ୍ ରାଜ୍ୟକୁ ଗୌରବାନ୍ୱିତ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ୨୬ ବର୍ଷର ଶିକ୍ଷାନୁଷ୍ଠାନ ଓ ମାତ୍ର ୨୦ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହା ଭାରତର ୫୦ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ବିଶ୍ୱବିଦ୍ୟାଳୟଗୁଡିକର ସମକକ୍ଷ ହୋଇପାରିଛି। ଶିକ୍ଷାଦାନ ମାନ, ଗବେଷଣା କ୍ଷେତ୍ରରେ ସଫଳତା, ଜ୍ଞାନ ପ୍ରତିବଦଳ ଓ ଅନ୍ତର୍ଜାତୀୟ ଆଉଟ୍‌ଲୁକ୍ ଆଦି ମାନଦଣ୍ଡ ଆଧାରରେ ଟାଇମ୍ସ ହାୟର ଏଜୁକେସନ୍ ପକ୍ଷରୁ ପ୍ରତିବର୍ଷ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ କରାଯାଇଥାଏ। ଏହି ସଫଳତା ପାଇଁ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସମାନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କିଟ୍‌ର ଉଲ୍ଲେଖନୀୟ ସଫଳତା ପଛରେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଏବଂ ଉତ୍ସର୍ଗୀକୃତ ତ୍ୟାଗର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଭଳି ସଫଳତା ପାଇଁ ଶ୍ରୀ ସାମନ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମିଳିତ ପ୍ରୟାସ ପାଇଁ କିଟ୍ ଆଜି ବିଶ୍ୱରେ ଏହି ସଫଳତା ପାଇପାରିଛି ବୋଲି ଶ୍ରୀ ସାମନ୍ତ କହିଛି।

## ବିଜେପି ଛାଡ଼ିଲେ ଯୁବନେତା ହିମାଂଶୁ ସାହୁ

ଧର୍ମଶାଳା, ୧୪।୫(ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ହିମାଂଶୁ ଶେଖର ସାହୁ(ଲିକୁ) ଆଜି ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ବିଧିବଦ୍ଧ ଭାବେ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଥିବା ଜାରକା(କୁମାରୀ)ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଶ୍ରୀ ସାହୁ କହିଥିଲେ ଯେ, ଗତ ଡିସେମ୍ବର ୧୪ତାରିଖରେ ବିଜେପିରେ ଯୋଗ ଦେଇଥିଲି । ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ, ଜନସଂପର୍କ ପଦଯାତ୍ରା, ମିଶ୍ରଣ ପର୍ବ ଓ ବଡ଼ ବଡ଼ ସମାବେଶ କରି ବିଜେପି ସଂଗଠନକୁ ଅଧିକ ମଜବୁତ କରୁଥିଲୁ। ୯୯ପ୍ରତିଶତ କାର୍ଯ୍ୟକର୍ତ୍ତା ଧର୍ମଶାଳାରେ ପରିବର୍ତ୍ତନ ଚାହିଁଥିଲେ। କାହା ସ୍ୱାର୍ଥରେ ଅନ୍ୟ ଜଣକୁ ଟିକେଟ୍ ଦିଆଗଲା ଏହା ସମସ୍ତଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୁଁ ମଧ୍ୟ ଆପଣମାନଙ୍କ ମାଧ୍ୟମରେ ଏହି ପ୍ରଶ୍ନର ଉତର ଦଳୀୟ ନେତୃତ୍ୱକୁ ପଚାରୁଛି । ବିଜେପି ଆଚାର ବିଚାରରେ ରହି ନିର୍ବାଚନ ଲଢ଼ିବୁ । ସ୍ୱାଧୀନ ଭାବେ ବି ନିର୍ବାଚନରେ ବିଜୟ ହୋଇପାରିବ ବୋଲି ଶ୍ରୀ ସାହୁ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଦଳୀୟ ନେତୃତ୍ୱ କିପରି ତାଙ୍କୁ ବାରମ୍ବାର ପ୍ରତଶ୍ରୁତି ଦେଇ ପ୍ରତାରଣା କରିଥିଲା ସେ ସଂପର୍କରେ ବର୍ଣ୍ଣନା କରିଥିଲେ। ସୂଚନା ଯୋଗ୍ୟ, ଶ୍ରୀ ସାହୁ ବିଜେପିରେ ସାମିଲ ହେବାପରେ ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମ ଓ ବଡ଼ ବଡ଼ ସମାବେଶ କରି ବିଜେପି ସଂଗଠନକୁ ଅଧିକ ମଜବୁତ କରିବାକୁ ସକ୍ଷମ ହୋଇଥିଲେ। ଖୁବ୍ କମ୍ ଦିନ ମଧ୍ୟରେ ସେ ଧର୍ମଶାଳରେ ଜଣେ ବିକଳ୍ପ ନେତୃତ୍ୱ ଭାବେ ଉଭାହୋଇ ବିରୋଧୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟି ଥିଲେ। ପୂର୍ବରୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ୍ ମାଧ୍ୟମରେ ସେବାକାର୍ଯ୍ୟ କରି ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଧର୍ମଶାଳା ଆସନରୁ ବିଜେପି ପ୍ରାର୍ଥୀ ହେବାକୁ ସେ ଓ ହଜାର ହଜାର ଦଳୀୟ କର୍ମୀ ଆଶା ରଖିଥିଲେ ହେଁ, ଦଳ ସ୍ମୃତିରେଖା ପହିଙ୍କୁ ଟିକେଟ୍ ପ୍ରଦାନ କରିଥିଲା। ସେ ଗତକାଲି ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଆଜି ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ, ପ୍ରକାଶ ସାମଲ, ବିଜେପି ଜିଲ୍ଲା ସଂପାଦକ ମୁରଲୀଧର ପାଣ୍ଡବ, ବିଜେପି ଜିଲ୍ଲା କୃଷକମୋର୍ଚ୍ଚା ଉପସଭାପତି ଉପେନ୍ଦ୍ର କର, କାର୍ଯ୍ୟକର୍ତ୍ତା ତପନ ରଂଜନ ମାହୁନ୍ତ, ଆଲୋକ ଲେଙ୍କା, ଅକ୍ଷୟ କୁମାର ପଣ୍ଡା, ଶରତ ଓଝା, ନାରାୟଣ ମଲିକ, ରବୀନ୍ଦ୍ର ବରାଳ, ଲୋକନାଥ ମହାନ୍ତି, ଅଭିଷେକ ରାଉତ, ଶିବୁଲି ଧୀର, ଯୁବ ସଂଗଠକ ରାଜେଶ୍ କୁମାର ପାଳ, ଗୌତମ ସାହୁ, ସୁଧୀର ବେହେରା, ଅଂଶୁମାନ ରଥ, ପ୍ରଶାନ୍ତ ବେହେରା, ପାର୍ବତୀ ବେହେରା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବୋଲଗଡ଼ ବ୍ଲକରେ କଂଗ୍ରେସର ପ୍ରଚାର



ଭୁବନେଶ୍ୱର ,(ପି.ଏନ): ଆଜି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ ଏବଂ ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀରୀ କଂଗ୍ରେସ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ବୋଲଗଡ଼ ବ୍ଲକର ବିଭିନ୍ନ ଅଂଚଳ ବୁଲି ଭୋଟରଙ୍କୁ ଭୋଟ ଦେବାପାଇଁ ନିବଦେନ କରିଥିଲେ। ସେମାନେ ନାଉପଡ଼ା, ଗୋଡ଼ଭଙ୍ଗା ଗୋବର୍ଦ୍ଧନପୁର, କରାଙ୍ଗ, ମାଣିକାଗୋଡ଼ା, ଟାଙ୍ଗିସାହି, ଫାସିପଦା, ଭୀମପଡ଼ା, କପାସିଆ, ଡାବରଧୁଆପାଟଣା, ବୋଲଗଡ଼, ଅସଲପଲ୍ଲି, ଅରଖପଲ୍ଲି, ଖଳିପାଟଣା, ସଁପୁର, ଖଙ୍ଗୁରିଆ, ଫିରି ଫିରାପାଟଣା ପ୍ରମୁଖ ଅଂଚଳ ବୁଲି ଜନ ସମର୍ଥନ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ସଂଜୟ ସୁବୁଦ୍ଧି, ନିହାର ବେହେରା, ସାଗର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପାରାଦୀପରେ ବିଜେପି ପ୍ରାର୍ଥୀ ସମ୍ପଦ ଙ୍କ ପରିବର୍ତ୍ତନ ନିର୍ବାଚନ ପ୍ରଚାର ଆରମ୍ଭ

ପାରାଦୀପ,(ପି.ଏନ): ଗତ ମଇ ୧୦ ତାରିଖ ପାରାଦୀପ ବିଧାନସଭା ଆସନରେ ପ୍ରାର୍ଥୀପତ୍ର ଦାଖଲ ପରେ ବିଜେପି ନେତା ସମ୍ପଦ ସ୍ୱାଇଁ ତାଙ୍କ ପ୍ରଚାର ଓ ପ୍ରସାର କୁ ଜୋରଦାର କରିଛନ୍ତି କ୍ଷ ଦୀର୍ଘଦିନ ର ଶାସକ ଦଳର ଅପାରଗ ନେତୃତ୍ୱ ପରିବର୍ତ୍ତନ ର ନାରା ଦେଇ ବିଜେପି ଦଳର କର୍ମୀ ଓ ନେତା ମାନେ ଉତ୍ସାହ ର ସହ ନିର୍ବାଚନ ପ୍ରଚାର କରୁଥିବାର ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସୋମବାର ଅପରାହ୍ନ ରେ ପାରାଦୀପ ବଡପଡ଼ିଆ ସ୍ଥିତ ବଣିକ ସଙ୍ଘ କାର୍ଯ୍ୟାଳୟ ପରିସରରେ ଥିବା ମା ଦୁର୍ଗା ଙ୍କ ମନ୍ଦିରରେ ବିଜେପି ନେତା ସମ୍ପଦ ସ୍ୱାଇଁ ପ୍ରାର୍ଥନା କରି ୧୫ ନମ୍ବର ୱାର୍ଡରେ ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି କ୍ଷ ସେ ୱାର୍ଡ ରେ ଥିବା ସମସ୍ତ ବସ୍ତି, ମାର୍କେଟ ଅଞ୍ଚଳ ଓ ଜାମା ମସଜିଦ ରେ ଲୋକଙ୍କୁ ଭେଟି ନିଜ ସପକ୍ଷରେ ଭୋଟ ଦେବା ପାଇଁ ଅନୁରୋଧ କରିବା ସହ ପାରାଦୀପ ର ସର୍ବାଙ୍ଗୀନ ଉନ୍ନତି ପାଇଁ ନେତୃତ୍ୱ ପରିବର୍ତ୍ତନ ର ଗୁରୁତ୍ୱ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ କ୍ଷ ପାରାଦୀପ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ ଙ୍କ ନେତୃତ୍ୱରେ ଏହି ପ୍ରଚାର ଅଭିଯାନରେ ବିଜେପି ଜିଲ୍ଲା ମିଡ଼ିଆ ସଂଯୋଜକ ସର୍ବେଶ୍ୱର ବଳିୟାରସିଂ, ଜିଲ୍ଲା ସମ୍ପାଦକ ତଥା ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ବିଜେପି ନେତା ଗୌତମ ନାୟକ,ବଜରଙ୍ଗୀ ସ୍ୱାଇଁ, ସର୍ବେଶ୍ୱର ଜେନା ଙ୍କ ସମେତ ବହୁ ଦଳୀୟ କର୍ମୀ ଓ ମହିଳା ସାମିଲ ହୋଇଥିଲେ ।

## ନାମାଙ୍କନ ପତ୍ର ଦାଖଲ କଲେ ଧର୍ମଶାଳା ବିଜେପି

ଧର୍ମଶାଳା, ୧୪।୫(ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେପିର ବିଧାୟକ ପ୍ରାର୍ଥୀ ସ୍ମୃତିରେଖା ପହି ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସକାଳେ କୋତପୁର ଗ୍ରାମର ମା' ଜାଗୁଳାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶିଷ କାମନା କରିଥିଲେ। ପୂର୍ବାହ୍ନରେ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରୁ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଜପୁର ଟାଉନ୍ ବାହାରି ଯାଇଥିଲେ। ଜାରକା, ବାରବାଟି ଓ କୁଆଖିଆ ବଜାର ଅତିକ୍ରମ କରି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପ୍ରାର୍ଥୀପତ୍ର ଦାଖଲ ପରେ ଧର୍ମଶାଳାରେ ଲଢ଼େଇ ଜୋରଦାର ହେବ ବୋଲି ଶ୍ରୀମତୀ ପହି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ବିବେକ ଗନ୍ତାୟତ, ମଣ୍ଡଳ ସଭାପତି ମଣ୍ଡଳ ସଭାପତି ହିମାଂଶୁ ଶେଖର ମହାପାତ୍ର, କୁଳମଣି ମଲିକ, ହେମନ୍ତ ଆଚାର୍ଯ୍ୟ, ନୀଳମଣି ଦାସ, ଚିନ୍ତାମଣି ସାମଲ, କାର୍ଯ୍ୟକର୍ତ୍ତା ଆଶୋକ କୁମାର ସାହୁ, ଅର୍ଜୁନ ନାୟକ, ସଂଜୟ ଲେଙ୍କା, ଲକ୍ଷ୍ମୀଧର ପତି, ସାନନ୍ଦ ସ୍ୱାଇଁ, ଚିତରଂଜନ ଦାସ, ସୁଦୀପ୍ତ ପଣ୍ଡା, ସରୋଜ ମଲିକ, ସୁଦର୍ଶନ ସାହୁ, ବିକାଶ ମଲିକ, ରବୀନ୍ଦ୍ର ରଥ, ଶ୍ୟାମସୁନ୍ଦର ଗାହାଣ, ଗୌରାଙ୍ଗ ମହାନ୍ତି, ଶରତ ଜେନା, ଆନନ୍ଦ ବାରିକ, ସଚ୍ଚିଦାନନ୍ଦ ବେହେରା, କୈଳାସ ଦାସ, ଦୁଃଶାସନ ଘଡ଼ାଇ ଓ ଜ୍ୟୋତିପ୍ରକାଶ ଜେନାମଣି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି ସରକାରୀ କର୍ମଚାରୀ, ତଥ୍ୟକୁ ନେଇ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି

ତାଳଚେର,(ପି.ଏନ):ତାଳଚେର ନିର୍ବାଚନ ମଣ୍ଡଳୀ ରେ ରାଜ୍ୟ ସରକାର ଙ୍କର କର୍ମଚାରୀ ରାଷ୍ଟ୍ରାୟତ ଉଦ୍‌ଯୋଗ ଏମ୍ସିଏଲ ର କର୍ମଚାରୀ ମାନେ ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି ।ଏମ୍ସିଏଲ ର କର୍ମଚାରୀ ହୃଦୟ କୁମାର ପ୍ରଧାନ ଖୋଲାଖୋଲି ଭାବେ ବିଜେଡ଼ି ପାଇଁ କାର୍ଯ୍ୟ କରିବା ଏବଂ ଟିଭି ରେ ବିଜେଡି କୁ ଭୋଟ ଦେବା ପାଇଁ କହିବା ର ତଥ୍ୟ ପ୍ରମାଣ ତାଳଚେର ର ନିର୍ବାଚନ ଅଧିକାରୀ ଙ୍କୁ ଦିଆଯାଇଛି ।ସେହିପରି ରାଜ୍ୟ ସରକାରଙ୍କ ର ଅଧିକାରୀ ଆସିଷ୍ଟାଣ୍ଟ ହର୍ଟିକଲଚ୍‌ର ଅଫିସର ପ୍ରଭାତୀ ବେହେରା ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି ,ନିର୍ବାଚନ କୋଡ଼ ଓଫ କଣ୍ଡକ୍ଟ ପରେ ବିଜେଡି ଲୋକଙ୍କୁ ସବ୍ସିଡ଼ ପେମେଣ୍ଟ କରୁଛନ୍ତି ,କ୍ୟାସ ବୁକ, ଯାଞ୍ଚ କରିବାକୁ ବିଜେପି ଦାବୀ କରିଛି ।ତାଳଚେର ବ୍ଲକ ରେ କିଛି ଅମ୍ନିକେ, ସିଆରପି ,ଆଶା, ଅଙ୍ଗନ ବାଡ଼ି ଙ୍କର ବିଜେଡି ପାଇଁ କାର୍ଯ୍ୟ କରୁଥିବା ସମ୍ପର୍କିତ ଭିଡିଓ ନିର୍ବାଚନ ଅଧିକାରୀ ଙ୍କୁ ବିଜେପି ପକ୍ଷରୁ ଦିଆ ଯାଇଛି। ଏ ମାନଙ୍କର ଗତିବିଧି ଏବଂ କଲ ରେକର୍ଡ ଯାଞ୍ଚ କଲେ ସମସ୍ତ ତଥ୍ୟ ଜଣା ପଡିବ ବୋଲି ବିଜେପି ଦାବୀ କରିଛି ।ମଡେଲ କରଡ ଓଫ କଣ୍ଡକ୍ଟ ଅନୁଯାୟୀ ଏ ମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ମଙ୍ଗଳବାର ବିଜେପି ର ଏକ ପ୍ରତିନିଧି ମଣ୍ଡଳୀ ତାଳଚେର ନିର୍ବାଚନ ଅଧିକାରୀ ତଥା ଉପ ଜିଲ୍ଲାପାଳ ମନୋଜ ତ୍ରିପାଠୀ ଙ୍କୁ ଭେଟି ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି ।ବିଜେପି ଢେଙ୍କାନାଳ ପାର୍ଲିଆମେଣ୍ଟ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ସମ୍ପାଦକ ସମୋନାଥ ରାଉତ, ଲିଗାଲ ସେଲ ର ଅର୍ଜୁନ ଭୁତିଆ ପ୍ରମୁଖ ନିର୍ବାଚନ ଅଧିକାରୀ ଙ୍କୁ ଭେଟି ଦାବୀ ଜଣାଇଛନ୍ତି ।ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ଦାବୀ କରିଛି, ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନିଆ ଯାଏ ବିଜେପି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀ, ଏବଂ କେନ୍ଦ୍ର ନିର୍ବାଚନ କମିଶନ ଙ୍କର ଦୃଷ୍ଟି ଆକର୍ଷଣ କରିବ ବିଜେପି ବୋଲି ବିଜେପି ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି ସରକାରୀ କର୍ମଚାରୀ, ତଥ୍ୟକୁ ନେଇ ନିର୍ବାଚନ ଅଧିକାରୀ ଙ୍କୁ ଭେଟିଲା ବିଜେପି ।ଳଚେର,(ପି.ଏନ): ତାଳଚେର ନିର୍ବାଚନ ମଣ୍ଡଳୀ ରେ ରାଜ୍ୟ ସରକାର ଙ୍କର କର୍ମଚାରୀ ରାଷ୍ଟ୍ରାୟତ ଉଦ୍‌ଯୋଗ ଏମ୍ସିଏଲ ର କର୍ମଚାରୀ ମାନେ ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି ।ଏମ୍ସିଏଲ ର କର୍ମଚାରୀ ହୃଦୟ କୁମାର ପ୍ରଧାନ ଖୋଲାଖୋଲି ଭାବେ ବିଜେଡ଼ି ପାଇଁ କାର୍ଯ୍ୟ କରିବା ଏବଂ ଟିଭି ରେ ବିଜେଡି କୁ ଭୋଟ ଦେବା ପାଇଁ କହିବା ର ତଥ୍ୟ ପ୍ରମାଣ ତାଳଚେର ର ନିର୍ବାଚନ ଅଧିକାରୀ ଙ୍କୁ ଦିଆଯାଇଛି ।ସେହିପରି ରାଜ୍ୟ ସରକାରଙ୍କ ର ଅଧିକାରୀ ଆସିଷ୍ଟାଣ୍ଟ ହର୍ଟିକଲଚ୍‌ର ଅଫିସର ପ୍ରଭାତୀ ବେହେରା ବିଜେଡ଼ି ପାଇଁ କାର୍ଯ୍ୟ କରୁଛନ୍ତି ,ନିର୍ବାଚନ କୋଡ଼ ଓଫ କଣ୍ଡକ୍ଟ ପରେ ବିଜେଡି ଲୋକଙ୍କୁ ସବ୍ସିଡ଼ ପେମେଣ୍ଟ କରୁଛନ୍ତି ,କ୍ୟାସ ବୁକ, ଯାଞ୍ଚ କରିବାକୁ ବିଜେପି ଦାବୀ କରିଛି ।ତାଳଚେର ବ୍ଲକ ରେ କିଛି ଅମ୍ନିକେ, ସିଆରପି ,ଆଶା, ଅଙ୍ଗନ ବାଡ଼ି ଙ୍କର ବିଜେଡି ପାଇଁ କାର୍ଯ୍ୟ କରୁଥିବା ସମ୍ପର୍କିତ ଭିଡିଓ ନିର୍ବାଚନ ଅଧିକାରୀ ଙ୍କୁ ବିଜେପି ପକ୍ଷରୁ ଦିଆ ଯାଇଛି। ଏ ମାନଙ୍କର ଗତିବିଧି ଏବଂ କଲ ରେକର୍ଡ ଯାଞ୍ଚ କଲେ ସମସ୍ତ ତଥ୍ୟ ଜଣା ପଡିବ ବୋଲି ବିଜେପି ଦାବୀ କରିଛି ।ମଡେଲ କରଡ ଓଫ କଣ୍ଡକ୍ଟ ଅନୁଯାୟୀ ଏ ମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ମଙ୍ଗଳବାର ବିଜେପି ର ଏକ ପ୍ରତିନିଧି ମଣ୍ଡଳୀ ତାଳଚେର ନିର୍ବାଚନ ଅଧିକାରୀ ତଥା ଉପ ଜିଲ୍ଲାପାଳ ମନୋଜ ତ୍ରିପାଠୀ ଙ୍କୁ ଭେଟି ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି ।ବିଜେପି ଢେଙ୍କାନାଳ ପାର୍ଲିଆମେଣ୍ଟ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ସମ୍ପାଦକ ସମୋନାଥ ରାଉତ, ଲିଗାଲ ସେଲ ର ଅର୍ଜୁନ ଭୁତିଆ ପ୍ରମୁଖ ନିର୍ବାଚନ ଅଧିକାରୀ ଙ୍କୁ ଭେଟି ଦାବୀ ଜଣାଇଛନ୍ତି ।ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେପି ଦାବୀ କରିଛି, ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନିଆ ଯାଏ ବିଜେପି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀ, ଏବଂ କେନ୍ଦ୍ର ନିର୍ବାଚନ କମିଶନ ଙ୍କର ଦୃଷ୍ଟି ଆକର୍ଷଣ କରିବ ବିଜେପି ବୋଲି ବିଜେପି ଢେଙ୍କାନାଳ ପାର୍ଲିଆମେଣ୍ଟ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି।

ଢେଙ୍କାନାଳ ପାର୍ଲିଆମେଣ୍ଟ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରକାଶ କରିଛନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray